୬ ଏସିଆ କପ୍ ପରି ଆୟୋଜନ ହେବ ୟୁରୋ ନେସନ୍ସ କପ୍



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
# ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
• ବର୍ଷ–୩୩ • ସଂଖ୍ୟା–୫୧ • ୨୨ ମାର୍ଚ୍ଚ ୨୦୨୬ ରବିବାର • ଭୁବନେଶ୍ୱର • Vol -33 • Issue-51 • 22nd March 2026, Sunday • Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

## ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ ପାଳିତ

# ମନୁଷ୍ୟକୃତ ଜଙ୍ଗଲ ନିଆଁ କ୍ଷେତ୍ରରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ




**ଭୁବନେଶ୍ୱର, ୨୧।୩**
**ନ୍ୟୁଜ୍ ବ୍ୟୁରୋ**

ପ୍ରକୃତିର ଅନନ୍ୟ ବରଦାନ ହେଉଛି ଆମର ସବୁଜ ବନାନୀ। ଏହା ଆମ ଜୀବନ ଓ ଜୀବିକାର ଆଧାର ବୋଲି ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଶ୍ୱ ବନ ଦିବସ-୨୦୨୬ ପାଳନ ଅବସରରେ କହିଛନ୍ତି ।

ଭୁବନେଶ୍ୱର ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରଠାରେ ଏହି ଉପଲକ୍ଷେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସୁସ୍ଥ ପରିବେଶ ତଥା ମନୁଷ୍ୟ ଜୀବନରେ ବଣ ଜଙ୍ଗଲର ମହତ୍ତ୍ୱ ବିଷୟରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆମେ ଏହି ବିଶ୍ୱ ବନ ଦିବସ ପାଳନ କରୁଛୁ। ଜଙ୍ଗଲ ସଂରକ୍ଷଣ ଓ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧରେ ସଚେତନତା ବିସ୍ତାର କରିବା ପାଇଁ ଆଜିର ଦିନଟି ଉତ୍ସର୍ଗୀକୃତ।

ସେ ପୁଣି କହିଥିଲେ ଉତ୍ତମ ବନ ପରିଚାଳନା ପଦ୍ଧତି, ବ୍ୟାପକ ବୃକ୍ଷରୋପଣ ଓ ଜନସଚେତନତା ଜରିଆରେ ଆଜି ଓଡିଶା ବନ ସୁରକ୍ଷା ଓ ସବୁଜ ବଳୟ ସୃଷ୍ଟିରେ ଦେଶର ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠା ଲାଭ କରିଛି। ଗତ ଦୁଇ ବର୍ଷ ମଧ୍ୟରେ କେବଳ ରାଜ୍ୟରେ ୫୫୮ ବର୍ଗ କିଲୋମିଟର ବନ ଓ ବୃକ୍ଷ ଆବରଣ ବୃଦ୍ଧି ଘଟିଛି। ବର୍ତ୍ତମାନ ରାଜ୍ୟର ସମୁଦାୟ ଭୂମି କ୍ଷେତ୍ରର ୩୭.୬୩ ପ୍ରତିଶତ ଅର୍ଥାତ ୫୮,୫୯୭ ବର୍ଗ କିଲୋମିଟର ବନ ଓ ବୃକ୍ଷ ଆବରଣରେ ପରିପୂର୍ଣ୍ଣ। ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଐତିହାସିକ 'ଏକ ପେଡ୍ ମା' କେ ନାମ୍' ଅଭିଯାନରେ ରାଜ୍ୟରେ ଗୋଟିଏ ଦିନରେ *(ପୃଷ୍ଠା ୭ରେ)*



ଭୁବନେଶ୍ୱର : ପବିତ୍ର ଇଦ୍-ଉଲ୍-ଫିତର ପର୍ବ ଅବସରରେ ୟୁନିଟ୍-୪ ସ୍ଥିତ ମସ୍‌ଜିଦ୍‌ରେ ସମୂହ ନମାଜପାଠ (ଫଟୋ-ସମ୍ବାଦ କଳିକା)

### ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବ ସ୍ତରୀୟ ବୈଠକ

# ରାଜସ୍ୱ ଆଦାୟ ଲକ୍ଷ୍ୟ ପ୍ରାୟ ୭୮.୭୭% ହୋଇଛି



**ଭୁବନେଶ୍ୱର, ୨୧।୩**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଶନିବାର ସଚିବ ସ୍ତରୀୟ ବୈଠକ ଖାରବେଳଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରି ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ବୈଠକର ପ୍ରାରମ୍ଭରେ ମୁଖ୍ୟ ଶାସନ ସଚିବ ନିକଟରେ ବିଭିନ୍ନ ସ୍ଥାନରେ ଘଟିଥିବା ଅଗ୍ନି ଦୁର୍ଘଟଣା ପ୍ରସଙ୍ଗରେ ଆଲୋଚନା କରି ସମସ୍ତ ସରକାରୀ ବିଭାଗୀୟ କୋଠାରେ ବିଦ୍ୟୁତ୍ ୱ୍ୟାରିଂ ତନଖି କରାଯିବା, ବୈଦ୍ୟୁତିକ ଉପକରଣ ନିୟମିତ ଯାଞ୍ଚ କରିବା, ଆବଶ୍ୟକ ଉନ୍ନତିକରଣ କାର୍ଯ୍ୟ ସହ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ ।

ବୈଠକରେ ଅର୍ଥ ବିଭାଗ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷରେ ଅଦ୍ୟାବଧି ହୋଇଥିବା ଆର୍ଥିକ ସ୍ଥିତି ଉପସ୍ଥାପନ କରାଯାଇଥିଲା । ଏହି *(ପୃଷ୍ଠା ୭ରେ)*

### ଆମେରିକାର ଶକ୍ତିର କେନ୍ଦ୍ର ଡିଏଗୋ ଗାର୍ସିଆ ଉପରେ ଇରାନର କ୍ଷେପଣାସ୍ତ୍ର ମାଡ଼

**ତେହେରାନ, ୨୧।୩**

ଇରାନ ହିନ୍ଦ୍ ମହାସାଗରରେ ଅବସ୍ଥିତ ଆମେରିକା-ୟୁକେର ମିଳିତ ସାମରିକ ଘାଟି ଡିଏଗୋ ଗାର୍ସିଆ ଉପରେ ଆକ୍ରମଣ କରିଛି। ଇରାନ ଡିଏଗୋ ଗାର୍ସିଆ ଘାଟିରେ ଦୁଇଟି ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ର ନିକ୍ଷେପ କରିଛି। ତଥାପି, ଏହି କ୍ଷେପଣାସ୍ତ୍ରଗୁଡ଼ିକ ଆମେରିକୀୟ ସାମରିକ ପ୍ରତିଷ୍ଠାନକୁ ଆକ୍ରମଣ କରିବାରେ ବିଫଳ ହୋଇଛି ଏବଂ ଦାବି କରାଯାଇଛି ଯେ ଘାଟିଟି କୌଣସି କ୍ଷତି କରିନାହିଁ।

ଦି ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲକୁ ଉଦ୍ଧୃତ କରି, ଇରାନ ଇଣ୍ଟରନ୍ୟାସନାଲ ରିପୋର୍ଟ କରିଛି ଯେ ଇରାନ ଭାରତ ମହାସାଗରରେ ଅବସ୍ଥିତ ଡିଏଗୋ ଗାର୍ସିଆ ସାମରିକ ଘାଟି ଉପରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିଛି। ଉଡ଼ାଣ ସମୟରେ ଗୋଟିଏ କ୍ଷେପଣାସ୍ତ୍ର ବିଫଳ ହୋଇଥିଲା, ଯେତେବେଳେ ଅନ୍ୟଟି ଆମେରିକାର *(ପୃଷ୍ଠା ୭ରେ)*

# ଇରାନ ରାଷ୍ଟ୍ରପତିଙ୍କ ସହ କଥା ହେଲେ ମୋଦୀ

**ନୂଆଦିଲ୍ଲୀ, ୨୧।୩**

ପଶ୍ଚିମ ଏସିଆରେ ଗତ ୨୨ ଦିନ ଧରି ଚାଲିଥିବା ସାମରିକ ସଂଘର୍ଷ ମଧ୍ୟରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନଙ୍କ ସହ ଟେଲିଫୋନରେ କଥା ହୋଇଥିଲେ ଏବଂ ଇଦ ଏବଂ ନଓରୁଜର ଶୁଭେଚ୍ଛା ଜଣାଇଥିଲେ। ମୋଦୀ ଆଶା ପ୍ରକାଶ କରିଥିଲେ ଯେ ଏହି ପର୍ବ ଋତୁ ପଶ୍ଚିମ ଏସିଆରେ ଶାନ୍ତି, ସ୍ଥିରତା ଏବଂ ସମୃଦ୍ଧି ଆଣିବ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଅନୁଯାୟୀ, ଆଲୋଚନା ସମୟରେ, ପ୍ରଧାନମନ୍ତ୍ରୀ ଏହି ଅଞ୍ଚଳରେ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉପରେ ସମ୍ପ୍ରତି ହୋଇଥିବା ଆକ୍ରମଣ ଉପରେ ଚିନ୍ତା ପ୍ରକାଶ କରିଥିଲେ ଏବଂ ଏହାକୁ ଦୃଢ଼ ନିନ୍ଦା କରିଥିଲେ।

# ଅହମ୍ମଦାବାଦରେ ଓଡ଼ିଶା ପର୍ବ ୨୦୨୬ ଉଦ୍‌ଘାଟିତ



**ଭୁବନେଶ୍ୱର, ୨୧।୩ : ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଶନିବାର ଅହମ୍ମଦାବାଦର ଗୁଜରାଟ ବିଶ୍ୱବିଦ୍ୟାଳୟ କନଭେନସନ ଏବଂ ପ୍ରଦର୍ଶନୀ କେନ୍ଦ୍ରଠାରେ ତିନି ଦିନିଆ 'ଓଡ଼ିଶା ପର୍ବ ୨୦୨୬'କୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଗୁଜରାଟର ଉପମୁଖ୍ୟମନ୍ତ୍ରୀ ହର୍ଷ ରମେଶକୁମାର ସାଙ୍ଘଭି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମାର୍ଚ୍ଚ ୨୧ରୁ ୨୩ ପର୍ଯ୍ୟନ୍ତ ଆୟୋଜିତ ଏହି ମହୋତ୍ସବ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ପର୍ଯ୍ୟଟନର ଏକ ବିରଳ ପ୍ରଦର୍ଶନୀ ।

ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ସଭାକୁ ସମ୍ବୋଧିତ କରି ଓଡ଼ିଶା ପର୍ବକୁ ଏକ ପ୍ରମୁଖ ସାଂସ୍କୃତିକ ପ୍ରସାର କାର୍ଯ୍ୟକ୍ରମ ଭାବେ ଅଭିହିତ କରିଥିଲେ। ସେ କହିଥିଲେ ଯେ, ଓଡ଼ିଶା ଏକ ଅନୁଭୂତିପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳୀ ଯେଉଁଠାରେ ଐତିହ୍ୟ, ଆଧ୍ୟାତ୍ମିକତା, ପ୍ରକୃତି, ଓଡ଼ିଆ ବ୍ୟଞ୍ଜନ ଏବଂ ଆଧୁନିକ ପର୍ଯ୍ୟଟନ ଭିତ୍ତିଭୂମିର ଏକ ଅପୂର୍ବ ସମନ୍ୱୟ ରହିଛି।

ଅନ୍ୟପଟେ ଉପମୁଖ୍ୟମନ୍ତ୍ରୀ ସାଙ୍ଘଭୀ ପର୍ଯ୍ୟଟନ କ୍ଷେତ୍ରରେ ଆନ୍ତଃ-ରାଜ୍ୟ ସହଯୋଗର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶାର ସାଂସ୍କୃତିକ ବିଭବକୁ ଗୁଜରାଟରେ ପ୍ରଦର୍ଶିତ କରିବା ପାଇଁ *(ପୃଷ୍ଠା ୭ରେ)*

## ଏକାଳ ପଖାଳ




ମଧ୍ୟ ପ୍ରାଚ୍ୟ ଯୁଦ୍ଧ ନୁହେଁ ଇଏ
ଇଏ ବିରୋଧୀଙ୍କ କଳି
ଯାହାମନ ଯିଏ ଯାହା କରିଯାଏ
କିଏ ସେ ଦେଉଛି ଗାଳି
ନିଲମ୍ବିତ କାଲି ବୋଲି
'ଛ' ଆଉ ଆଉଟ ହେଲେ
ଦଳ ସଂଖ୍ୟା ହେଲେ ଦଳି।

# ବିଜେଡିରୁ ୬ ବିଧାୟକ ସସ୍‌ପେଣ୍ଡ



**ଭୁବନେଶ୍ୱର, ୨୧।୩ : ନ୍ୟୁଜ୍ ବ୍ୟୁରୋ**

ବିଜେଡିରୁ ୬ ଜଣ ବିଧାୟକ ନିଲମ୍ବିତ ହୋଇଛନ୍ତି। ନିଲମ୍ବିତ ହୋଇଥିବା ବିଧାୟକ ମାନେ ହେଲେ ଚକ୍ରମଣି କହଁର, ନବ କିଶୋର ମଲ୍ଲିକ, ସୌଭିକ୍ ବିଶ୍ୱାଳ, ସୁବାସିନୀ ଜେନା, ରମାକାନ୍ତ ଭୋଇ ଓ ଦେବୀରଞ୍ଜନ ତ୍ରିପାଠୀ । ଦଳ ବିରୋଧୀ କାର୍ଯ୍ୟ ଓ ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ ଅଭିଯୋଗରେ ସେମାନଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ *(ପୃଷ୍ଠା ୭ରେ)*

## ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ହୋଇପାରେ ସକାଳୁଆ ସ୍କୁଲ୍

**ଭୁବନେଶ୍ୱର, ୨୧।୩**
**ନ୍ୟୁଜ୍ ବ୍ୟୁରୋ**

ହୋଇପାରେ ସକାଳୁଆ ସ୍କୁଲ । ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ବର୍ଦ୍ଧିତ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସକାଳୁଆ ସ୍କୁଲ ପାଇଁ ନିଷ୍ପତ୍ତି ନିଆଯିବ । ଏହାକୁ ନେଇ ଖୁବ୍ ଶୀଘ୍ର ବିଭାଗ ବୈଠକ ବସିବ ବୋଲି ମନ୍ତ୍ରୀ କହିଛନ୍ତି।

# ପୁନରୁଦ୍ଧାର ହେବ ଗଙ୍ଗୁଆ ନାଳ



**ଭୁବନେଶ୍ୱର, ୨୧।୩ : ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର ସର୍କିଟ ହାଉସରେ ସଂସଦୀୟ କ୍ଷେତ୍ରର ଦୁଇଟି ବିଭାଗର ମୁଖ୍ୟ ସଚିବ ଏବଂ ଭୁବନେଶ୍ୱର ମହାନଗର ନିଗମ କମିଶନରଙ୍କ ଉପସ୍ଥିତିରେ ବିଭାଗର ବିକାଶ କାର୍ଯ୍ୟର ସମୀକ୍ଷା ବୈଠକ ହୋଇଯାଇଛି । ଆୟୋଜିତ ବୈଠକରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଅଧ୍ୟକ୍ଷତା କରିଥିଲେ । ଏହି ବୈଠକରେ ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ ସିଂ ଏବଂ ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଉପସ୍ଥିତ ରହିଥିଲେ । ରାଜଧାନୀ ଭୁବନେଶ୍ୱରରେ ଟ୍ରାଫିକ୍ ସମସ୍ୟା ଦୂର କରିବାକୁ ବିଶେଷ ଭାବରେ ଆଲୋଚନା ହୋଇଥିଲା । ଏନେଇ ପୂର୍ତ୍ତ ବିଭାଗ ଅଧିନରେ ୩୭ଟି ପ୍ରକଳ୍ପ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ରାଜଧାନୀକୁ କିପରି ଟ୍ରାଫିକ୍ ମୁକ୍ତ ବା ଟ୍ରାଫିକ୍ ଭିଡ କମାଯାଇ ପାରିବ, ସେ ଦିଗରେ ଆଲୋଚନା କରିଥିଲେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ । ୩୭ଟି ପ୍ରକଳ୍ପ ମଧ୍ୟରୁ ୩ଟି ପ୍ରକଳ୍ପର ଟେଣ୍ଡର ହୋଇଯାଇଛି, ବାକି ୩୪ଟି ପ୍ରକଳ୍ପର ଟେଣ୍ଡର କିପରି ଯଥାଶୀଘ୍ର ହୋଇ କାର୍ଯ୍ୟ ଆରମ୍ଭ ହେବ ତା ଉପରେ ବିଭାଗୀୟ ସଚିବ ଶ୍ରୀ ସିଂଙ୍କ ସହିତ ସବିଶେଷ *(ପୃଷ୍ଠା ୭ରେ)*





### ଯାଜପୁର ଜିଲ୍ଲା ମହୋତ୍ସବ 'ଯଯାତି' ଉଦ୍‌ଘାଟିତ

## 'ଯଯାତି' ପୁରାତନ ରାଜକୀୟ ପରମ୍ପରାକୁ ଆଧୁନିକ ପିଢ଼ି ସହିତ ଯୋଡ଼ିଥାଏ:ମନ୍ତ୍ରୀ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ମହୋତ୍ସବ ଯଯାତି- ୨୦୨୬ ଉଦ୍‌ଘାଟିତ ହୋଇଯାଇଛି। 'ଯଯାତି -୨୦୨୬' ଏବଂ 'ସୁଭଦ୍ରା ଶକ୍ତି ଓ ପଲ୍ଲୀଶ୍ରୀ ମେଳା'କୁ ମୁଖ୍ୟ ଅତିଥି ଭାବେ ସମବାୟ, ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଏହାସହ ମଞ୍ଚାସୀନ ଅତିଥିମାନେ ସ୍ମରଣିକା 'ଯଯାତି - ୨୦୨୬'ର ଶୁଭ ଉନ୍ମୋଚନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ବଳ ସାମନ୍ତ କହିଥିଲେ ଯେ ଯଯାତି ଉତ୍ସବ ହେଉଛି ଏକ ସେତୁ, ଯିଏ ଆମର ପୁରାତନ ରାଜକୀୟ ପରମ୍ପରାକୁ ଆଜିର ଆଧୁନିକ ପିଢ଼ି ସହିତ ଯୋଡ଼ିଥାଏ। ଏହାସହ ମନ୍ତ୍ରୀ ପଲ୍ଲିଶ୍ରୀ ମେଳା ଏବଂ ସୁଭଦ୍ରା ଶକ୍ତି ମେଳା ମାଧ୍ୟମରେ ମହିଳା ସଶକ୍ତିକରଣ ଉପରେ ସହ ହସ୍ତଶିଳ୍ପର ପ୍ରୋତ୍ସାହନ ହୋଇପାରିବ ବୋଲି କହିଥିଲେ। ଅତିଥିମାନେ ଯାଜପୁରର ଐତିହ୍ୟ, ସଂସ୍କୃତି, ସମୃଦ୍ଧ ଶିଳ୍ପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ସଭା ପ୍ରାରମ୍ଭ ପୂର୍ବରୁ ବିଭିନ୍ନ ଲୋକନୃତ୍ୟ ସହ ରଙ୍ଗିନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହା ପରେ ଓଲିଉଡ୍‌ର ସୁନାମଧନ୍ୟ କଣ୍ଠଶିଳ୍ପୀ ଅସୀମା ପଣ୍ଡା ମନଛୁଆଁ ସଙ୍ଗୀତ ପରିବେଷଣ କରିଥିଲେ। ଅଭିନେତ୍ରୀ ଶୀତଲ ପାତ୍ର ମନୋହର ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଏହି ଉଦ୍‌ଘାଟନ ଅବସରରେ ଲୋକସଭା ସାଂସଦ ଡ଼. ରବୀନ୍ଦ୍ର ନାରାୟଣ ବେହେରା, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, କୋରେଇ ବିଧାୟକ ଆକାଶ ଦାସନାୟକ, ଜିଲ୍ଲାପରିଷଦ ସଭାପତି ନଳିନୀପ୍ରଭା ଜେନା, ଜିଲ୍ଲାପାଳ ଅମ୍ବର କୁମାର କର, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯଶ ପ୍ରତାପ ଶ୍ରୀମାଳ, ସମାଜସେବୀ ଦେବଯାନୀ ପ୍ରଧାନ, ବରିଷ୍ଠ ସଂଗଠକ ତଥା ସମାଜସେବୀ ଗୌତମ ରାୟ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ନେତ୍ରୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ।



## ରାଉରକେଲା ମହାନଗର ନିଗମ ଅଞ୍ଚଳର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ମିଳିଲା କାୟାକଳ୍ପ ପୁରସ୍କାର



**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

୨୧ ତାରିଖ ରାଉରକେଲାବାସୀଙ୍କ ପାଇଁ ଖୁସି ଖବର। ରାଉରକେଲା ମହାନଗର ନିଗମ ଅଞ୍ଚଳରେ ଥିବା ସମସ୍ତ ୧୦ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ପାନପୋଷ ସ୍ଥିତ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମିଳିଲା ସମ୍ମାନଜନକ କାୟାକଳ୍ପ ପୁରସ୍କାର। ତନ୍ମଧ୍ୟରୁ ତିଳକାନଗର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ ସମଗ୍ର ସୁନ୍ଦରଗଡ଼ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଛି। ଯାହା ନିହାତି ଭାବେ ରାଉରକେଲା ପାଇଁ ଗୌରବର ବିଷୟ। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ସହ ସଂକ୍ରମଣ ନିୟନ୍ତ୍ରଣ କରି ଗୁଣାତ୍ମକ ରୋଗୀ ସେବାକୁ ସୁନିଶ୍ଚିତ କରିବା ହେତୁ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ତରଫରୁ ରାଉରକେଲା ମହାନଗର ନିଗମ ଅଞ୍ଚଳରେ ଥିବା ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା ସହ ଡାକ୍ତରଖାନା ପରିସରରେ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା, ବର୍ଜ୍ୟବସ୍ତୁ ପରିଚାଳନା, ସଂକ୍ରମଣ ନିୟନ୍ତ୍ରଣ, ସହାୟକ ଡାକ୍ତରୀ ସେବା ଏବଂ ସୂଚନା ଓ ସଚେତନତା ଅଭିଯାନ ମାଧ୍ୟମରେ ରୋଗୀ ତଥା କର୍ମଚାରୀମାନଙ୍କୁ ସ୍ୱଚ୍ଛତା ବଜାୟ ରଖିବା ପାଇଁ ପ୍ରୋତ୍ସାହିତ କରିବା, ଏହି ୬ଟି ମାନଦଣ୍ଡକୁ ଆଧାର କରି କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ତରଫରୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଉଛି। ଏଥିପାଇଁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ ଆୟୁକ୍ତ ସୁଶ୍ରୀ ଦୀନା ଦସ୍ତଗୀର୍ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, ପାରାମେଡ଼ିକାଲ୍ ଷ୍ଟାଫ୍ ଓ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏଥିସହ ତୃଣମୂଳସ୍ତରରେ ରୋଗୀଙ୍କୁ ଉତ୍କୃଷ୍ଟ ସେବା ପ୍ରଦାନ କରିବା ତଥା ଟୀକାକରଣକୁ ଆହୁରି ବ୍ୟାପକ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଏଥିସହ ସେ କହିଛନ୍ତି ଯେ, 'ବିକଶିତ ଭାରତ ଗଠନରେ ସ୍ୱାସ୍ଥ୍ୟସେବା କ୍ଷେତ୍ରର ସୁଦୃଢ଼ୀକରଣ ଉପରେ ସରକାର ଗୁରୁତ୍ୱ ଦେଉଥିବା ବେଳେ ଅନୁରୂପ ଭାବେ ରାଉରକେଲା ମହାନଗର ନିଗମ ଅଞ୍ଚଳରେ ଥିବା ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମିକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଉଛି।'

## ପୋଲିସକୁ ଚ୍ୟାଲେଞ୍ଜ:ଗୋଟିଏ ସ୍ଥାନରେ ବାରମ୍ବାର ଅପରାଧ ଘଟାଉଛନ୍ତି ଦୁର୍ବୃତ୍ତ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ପୋଲିସକୁ ଚ୍ୟାଲେଞ୍ଜ ଦେଇ ଏକା ସ୍ଥାନରେ ସେ ପୁଣି ନିୟମିତ ବ୍ୟବଧାନରେ ୩ ଥର ଅପରାଧ ଘଟାଇଲେଣି ଦୁର୍ବୃତ୍ତ । ଟାଉନ୍ ଓ ବୈଦ୍ୟନାଥପୁର ଥାନା ଅଧୀନରେ ଯାଉଥିବା ସୁବାରାଓ ଛକ ସ୍ଥିତ ଖ୍ରୀଷ୍ଟିଆନ୍ ସାହିରେ ପ୍ରଥମେ ଓଲିଭ୍ ରେଷ୍ଟୁରାଣ୍ଟ୍ ଉପରକୁ ବୋମାମାଡ଼, ୨ଥର ଖଣ୍ଡା ଦେଖାଇ ଦୁଇ ଯୁବକଙ୍କୁ ଦାଦାବଟି ମାଗିବା ସହ ଆକ୍ରମଣ କରିବା ଏବଂ ପୁଣି ଦିନେଶ ପଣ୍ଡା ନାମକ ଜଣେ ଯୁବକଙ୍କୁ ଆକ୍ରମଣ କରିବା ଭଳି ୩ ଘଟଣା ଘଟାଇଲେଣି ଦୁର୍ବୃତ୍ତ । ଦିନେଶଙ୍କୁ ଆକ୍ରମଣ ଘଟଣାକୁ ବାଦ୍ ଦେଲେ ଅନ୍ୟ ଦୁଇଟି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାରେ ବିଫଳ ରହିଛି । ସୂଚନାଯୋଗ୍ୟ ଯେ, ଗତ ଜାନୁଆରୀ ୫ ତାରିଖ ରାତିରେ ସୁବାରାଓ ଛକ ନିକଟରେ ଥିବା ଅଲିଭ୍ ରେଷ୍ଟୁରାଣ୍ଟ୍ ଉପରକୁ ବୋମାମାଡ଼ ହୋଇଥିଲା । ଏହି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଧରିବା ଦୂରେ ଥାଉ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାରେ ମଧ୍ୟ ବିଫଳ ହୋଇଛି । ସେହିପରି ଜାନୁଆରୀ ୨୬ ତାରିଖ ରାତି ୧୧ଟା ସମୟରେ ସୁବାରାଓ ଛକ ନିକଟସ୍ଥ ଗଳି ଅର୍ଥାତ୍ ଖ୍ରୀଷ୍ଟିଆନ୍ ସାହିରେ ଥିବା ଏକ ଲଜ୍ ସମ୍ମୁଖରେ ୩ ଜଣ ଦୁର୍ବୃତ୍ତ ଗୋଟିଏ ସ୍କୁଟିରେ ଖଣ୍ଡା ଧରି ଆସି ବାଇକ୍‌ରେ ଯାଉଥିବା ଦୁଇ ଜଣ ଯୁବକଙ୍କୁ ଅଟକାଇ ମାର୍‌ପିଟ୍ କରିବା ସହ ଟଙ୍କା ଆଦାୟ କରୁଥିବା ଭାଇରାଲ୍ ହୋଇଥିବା ଭିଡ଼ିଓରୁ ସ୍ପଷ୍ଟ ଜଣାପଡ଼ିଥିଲା । ପରେ ନିକଟରେ ଥିବା ଏକ କାର୍‌କୁ ପଥରମାଡ଼ ମଧ୍ୟ କରିଥିଲେ । ଏନେଇ ଟାଉନ୍ ଥାନାରେ ଅଭିଯୋଗ ହୋଇଛି । ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଏଯାବତ୍ ଅଭିଯୁକ୍ତଙ୍କୁ ଚିହ୍ନଟ ହୋଇନଥିବା ଜଣାପଡ଼ିଛି । ଉପରୋକ୍ତ ଦୁଇଟି ଘଟଣାକୁ ୨ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ହେଁ ପୋଲିସ କାହାରିକୁ ଚିହ୍ନଟ ମଧ୍ୟ କରିପାରିନାହିଁ । ସବୁଠାରୁ ବଡ଼କଥା ହେଲା ଏକା ସ୍ଥାନରେ ହିଁ ୩ଟି ଅପରାଧିକ ଘଟଣା ଘଟିଲାଣି । ତଥାପି ପୋଲିସର ପାଟ୍ରୋଲିଂ ଉକ୍ତ ସାହିକୁ ସଠିକ୍ ଭାବେ ହେଉନଥିବା ଅଭିଯୋଗ ହୋଇଛି । ଗୋଟିଏ ସ୍ଥାନରେ ଦୁର୍ବୃତ୍ତମାନେ ବାରମ୍ବାର ବିଭିନ୍ନ ଅପରାଧିକ କାଣ୍ଡ କରିବା ଅର୍ଥ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେବା ସଦୃଶ । ଏଭଳି ଶ୍ରୀରାମ ନଗର, ଧାନମେରା ସାହି ସମେତ ସହରର ବିଭିନ୍ନ ସ୍ଥାନରେ ଦୁର୍ବୃତ୍ତମାନେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ୍ ଦେଇ ଖଣ୍ଡା, କାତି ଓ ବୋମା ଧରି ଆତଙ୍କ ଖେଳାଉଥିବା ପୂର୍ବରୁ ନଜର ରହିଛି । ସହରରେ ରାତ୍ରି ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି ।

### ////////////////////// ଓଡ଼ିଶା ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ର //////////////////////

## ବସନ୍ତ ଏକ ଋତୁ ନୁହେଁ, ଏହା ଏକ ଅନନ୍ୟ ଅନୁଭବ:ଓଡ଼ିଶା ଲେଖକ ସମବାୟ ସମିତିର ମୁଖପତ୍ର 'ମୈତ୍ରୀ' ଉନ୍ମୋଚିତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ପ୍ରାଚୀନରୁ ମଧ୍ୟଯୁଗୀୟ ଓ ମଧ୍ୟଯୁଗୀୟରୁ ଆଧୁନିକ ଏବଂ ଅତ୍ୟାଧୁନିକ ଯୁଗ ପର୍ଯ୍ୟନ୍ତ ପ୍ରତିଟି କବିର ଦୃଷ୍ଟିରେ ବସନ୍ତକୁ ଋତୁରାଜ ଭାବେ ବର୍ଣ୍ଣନା କରିଛନ୍ତି। ଗୀତାରେ ସ୍ୱୟଂ ଶ୍ରୀକୃଷ୍ଣ କହିଛନ୍ତି ଋତୁମାନଙ୍କ ମଧ୍ୟରେ ମୁଁ କୁସୁମାକର ବସନ୍ତ। କବିକୁଳ ସେଇ ବସନ୍ତ ଋତୁରେ ଧରଣୀକୁ ପଲ୍ଲବ ବସନରେ ସଜାଇ ପିକର କୁହୁଧ୍ୱନୀକୁ ବେଦମନ୍ତ୍ର ଭାବେ ବର୍ଣ୍ଣନା କରି ସ୍ଥାବରଜଙ୍ଗମ ସର୍ବତ୍ର ମଧୁମୟ କରି ବସନ୍ତ ଋତୁକୁ ଶ୍ରେଷ୍ଠ ଆସନରେ ବସାଇଥାନ୍ତି। ବସନ୍ତ ହେଉଛି ସୃଷ୍ଟି ସମୟର ଆରମ୍ଭ, କ୍ଷେତରେ ସୋରିଷ ଫୁଲ, ପରିବେଶରେ ସାମାନ୍ୟ ଆର୍ଦ୍ରତା ଓ ମଳୟର ପହିଲି ସ୍ପର୍ଶ ଶରୀରକୁ କରେ ଆମୋଦିତ। ଏଇ ବସନ୍ତ କବିମାନଙ୍କୁ କରିଦିଏ ବିଭୋର ବୋଲି କହିଛନ୍ତି ବିଭିନ୍ନ ବକ୍ତାଗଣ। 'ଓଡ଼ିଶା ଲେଖକ ସମବାୟ ସମିତି'ର ମାସିକ ଆଲୋଚନାଚକ୍ର 'ଓଡ଼ିଆ ସାହିତ୍ୟରେ ଋତୁ ବସନ୍ତ' ଶୀର୍ଷକରେ ସଭାପତି ପୀତବାସ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବକ୍ତାଗଣ ଆଦିକବି ବାଲ୍ମିକୀଙ୍କ ଠାରୁ କାଳିଦାସଙ୍କ ଋତୁସଂହାର, ଅଭିଜ୍ଞାନ ଶକୁନ୍ତଳମ୍ ତଥା ଜୟଦେବଙ୍କ ଗୀତଗୋବିନ୍ଦରୁ ଲଳିତ ଲବଙ୍ଗ ଲତା ପଦ୍ୟ ଆବୃତ୍ତି କରି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଲାବଣ୍ୟବତୀ ଗଙ୍ଗାଧର ମେହେରଙ୍କ କିଚକ ବଧ, ଦୀନକୃଷ୍ଣଙ୍କ କବିତା ଇତ୍ୟାଦିର ଉଦାହରଣ ଦେଇ ବସନ୍ତ ଋତୁରେ କବିମାନଙ୍କର ବର୍ଣ୍ଣନା ଚାତୁରୀର ଉଦାହରଣ ଦେଇଥିଲେ। ସେହିପରି ଗୋପବନ୍ଧୁ ଦାସଙ୍କ କାରା କବିତାରେ ବନ୍ଦୀର ସ୍ୱଦେଶ ଚିନ୍ତାରେ ବସନ୍ତ ଋତୁର ବର୍ଣ୍ଣନା ଉପରେ ଆଲୋକପାତ କରିଥିଲେ। ବସନ୍ତ ଋତୁରେ ପ୍ରକୃତିର ବହୁ ବର୍ଣ୍ଣନା ପରେ ଆଧୁନିକ ଯୁଗରେ ବସନ୍ତ କିପରି ଧିରେ ଧିରେ ଅପସରି ଯାଉଛି ତା' ବିଷୟରେ ଆଲୋଚନା କରି ବକ୍ତାମାନେ କହିଲେ ଯେ, ପରିବେଶ ଏବେ ଏତେ ବିଷାକ୍ତ ହୋଇଚାଲିଛି ଯେ ପ୍ରକୃତ ବସନ୍ତ ଋତୁକୁ ଉପଭୋଗ କରିବାକୁ ହେଲେ ଆମକୁ ପରିବେଶକୁ ପୂର୍ବବତ୍ ପ୍ରଦୂଷଣ ମୁକ୍ତ କରି ପୃଥିବୀକୁ ସବୁଜିମାରେ ପୂର୍ଣ୍ଣ କରିଦେବାକୁ ପଡ଼ିବ ତା'ହେଲେ ପ୍ରକୃତ ବସନ୍ତ ଋତୁକୁ ମନପ୍ରାଣ ଦେଇ ଉପଭୋଗ କରିହେବ। ଏହି ସଭାରେ ବିଶିଷ୍ଟ ସାହିତ୍ୟିକ ଓ ଗବେଷକ ପ୍ରଭାତ କୁମାର ନନ୍ଦ, ଡକ୍ଟର ଆରତି କର, ମିନତୀ ଷଡ଼ଙ୍ଗୀ, ଡ. ସିଦ୍ଧାର୍ଥ କାନୁନ୍‌ଗୋ, ନିଶାକର ରାଉତ, ମନୋଜ କୁମାର ଜେନା, ବିରଞ୍ଚି ନାରାୟଣ ଶତପଥୀ, କୈଳାଶ ଚନ୍ଦ୍ର ରଥ, ବିରଜା ପ୍ରସାଦ ଶତପଥୀ, ବିଜୟ କୁମାର ମହାନ୍ତି ଓ ଇଂ. ଗଣେଶ ଚନ୍ଦ୍ର ପଣ୍ଡା ବସନ୍ତ ଋତୁ ବର୍ଣ୍ଣନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରୁ ପରିଚାଳକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ ଓ ସମ୍ପାଦକ ସୁକାନ୍ତ ପ୍ରଧାନ ଧନ୍ୟବାଦ ଦେଇଥିଲେ। ସମିତିର ମୁଖପତ୍ର 'ମୈତ୍ରୀ'ର ବସନ୍ତ ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା। ସଭା ଆରମ୍ଭରେ ସମିତ କୁମାର ରାଉତ ଭକ୍ତିସଂଗୀତ ପରିବେଷଣ କରିଥିଲେ।

## ଚୌଦ୍ୱାର ଜେଲ୍‌ରେ ଚଢ଼ଉ, ମୋବାଇଲ୍ ଜବତ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

କଟକ କମିସନରେଟ୍ ପୋଲିସ୍ ପକ୍ଷରୁ ଗୁରୁବାର ସକାଳେ ଚୌଦ୍ୱାର ଜେଲ୍‌ରେ ଏକ ବଡ଼ଧରଣର ଚଢ଼ଉ କରାଯାଇଥିବା ଜଣାପଡ଼ିଛି । ଚଢ଼ଉ ବେଳେ ଜେଲ୍ ପରିସରରୁ ମୋବାଇଲ୍ ଫୋନ୍, ଟଙ୍କା, ମାଦକଦ୍ରବ୍ୟ ଓ ଗୋଟିଏ ଛୋଟ ଡାଏରୀ ଜବତ ହୋଇଥିବା ଏକ ଅସମର୍ଥିତ ସୂତ୍ରରୁ ସୂଚନା ମିଳିଛି । ରାଉରକେଲା ପୋଲିସ୍‌ର ଏକ ସ୍ୱତନ୍ତ୍ର ଟିମ୍ ଚୌଦ୍ୱାର ପୋଲିସ୍ ସହୟତାରେ ଚୌଦ୍ୱାର ଜେଲ୍‌ରେ ଏହି ଚଢ଼ଉ କରିଥିଲେ। ଏ ସମ୍ପର୍କରେ ଜେଲ୍ କର୍ତ୍ତୃପକ୍ଷ ଓ ଚୌଦ୍ୱାର ଥାନାକୁ ଯୋଗାଯୋଗ କରାଯାଇଥିଲେ ହେଁ ସେମାନଙ୍କ ନିକଟରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ । ଜେଲ୍ ଭିତରେ ବିଭିନ୍ନ ସମୟରେ ଚଢ଼ଉ ବେଳେ ଏଭଳି ନିଷିଦ୍ଧ ସାମଗ୍ରୀ ସବୁ ଜବତ ହେଉଥିବାବେଳେ ଏଥିରେ ସମ୍ପୃକ୍ତଥିବା ଜେଲର କର୍ମଚାରୀ ଓ ବ୍ୟକ୍ତି ମାନଙ୍କ ବିରୋଧରେ କାହିଁକି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ସେନେଇ ସାଧାରଣରେ ଚର୍ଚ୍ଚା ହେଉଛି ।



## ବିଲୁପ୍ତ ପ୍ରାୟ ଘରଚଟିଆ ବଂଶ ବୃଦ୍ଧି ନିମନ୍ତେ ଗୁରୁତ୍ୱ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତର ପୁରୁଣାବନ୍ଧ ଗ୍ରାମରେ ବିଶ୍ୱ ଘରଚଟିଆ ଦିବସ ପାଳିତ ହୋଇଯାଇଛି । ଋଷିକୁଲ୍ୟା କଇଁଛ ସୁରକ୍ଷା ସମିତି ସମ୍ପାଦକ ତଥା ଯୁବ ପରିବେଶବିତ ରବିନ୍ଦ୍ର ନାଥ ସାହୁଙ୍କ ପୌରୋହିତ୍ୟରେ ଏହି ଦିବସ ପାଳନ ଅବସରରେ ପୁରୁଣାବନ୍ଧ ଗ୍ରାମର ବିଭିନ୍ନ ସ୍ଥାନରେ ଘର ଚଟିଆ ବସା ଲଗାଯିବା ସହ ୫୦ ଗୋଟି କାଠ ବାକ୍ସ, ମାଟି ପାତ୍ର ଓ ବାଉଁଶରେ ନିର୍ମିତି ବସା ଗୁଡ଼ିକୁ ବଣ୍ଟନ କରାଯାଇଥିଲା । ପାଳିବନ୍ଧ ୟୁପି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ, ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦିଗ୍‌ଦର୍ଶନ ଫାଉଣ୍ଡେସନ୍‌ର ନିର୍ଦ୍ଦେଶକ ତଥା ଓଡ଼ିଶା ସମ୍ବାଦିକ ସଂଘର ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା, ରିସର୍ଚ୍ଚ ପର୍ସନ୍ ଜିଓ ମୁନ ଗ୍ରୋସିନା, ଶିକ୍ଷାବିତ କମଳ ଲୋଚନ ବେହେରା, ରାଜେଶ୍ୱରୀ ଗୌଡ଼ ପ୍ରମୁଖଙ୍କ ସହ ସ୍ଥାନୀୟ ଶିକ୍ଷୟିତ୍ରୀ ମାନେ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛୋଟିଆ ନିରୋହ ପକ୍ଷୀଟିର କିପରି ବଂଶବୃଦ୍ଧି ହୋଇପାରିବ ସେ ସମ୍ପର୍କରେ ସଚେତନତାର ବାର୍ତ୍ତା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ । ବିଗତ ୨୦୦୭ ମସିହାରୁ ଏହି ନିରୀହ ଜୀବର ସଂରକ୍ଷଣ ପାଇଁ ପରିବେଶବିତ ଶ୍ରୀ ସାହୁ କାର୍ଯ୍ୟକରି ଆସିବା ସହ ଓଡ଼ିଶାର ୧୯ ଜିଲ୍ଲାରେ ଘର ଚାଟିଆର ବଂଶ ବିସ୍ତାର ପାଇଁ ଉଦ୍ୟମ କରିଆସିଛନ୍ତି। ସମ୍ପ୍ରତି ଚାଳ ଘର ବଦଳରେ ପକ୍କା ଘର ନିର୍ମାଣ, କଂକ୍ରିଟ୍ ଜଙ୍ଗଲ ସୃଷ୍ଟି, ଗଛ କାଟିବା ଓ ଶସ୍ୟକ୍ଷେତ୍ରରେ ରାସାୟନିକ ସାର ପ୍ରୟୋଗ ଏପରିକି ବିଭିନ୍ନ କାରଣ ପାଇଁ ନିରୀହ ଜୀବ ଘର ଚଟିଆ ଲୋପ ପାଇଯାଉଥିବା ବେଳେ ସେହି ପକ୍ଷୀଟିର ବଂଶ ବିସ୍ତାର ପାଇଁ ଉଦ୍ୟମ ହେବା ଜରୁରୀ ବୋଲି ଶ୍ରୀ ସାହୁ ପ୍ରକାଶ କରିଥିଲେ ।

### ଗିରଫ ଆଦିବାସୀମାନଙ୍କ ଖଲାସ ଦାବିରେ ୪୮ ଘଣ୍ଟିଆ ବାମନ ଘାଟି ବନ୍ଦ

## ଆଦିବାସୀ ମହିଳା ଓ ପୁରୁଷମାନଙ୍କ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ପ୍ରତିବାଦ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**



ତିରିଂ ଥାନା ଅଞ୍ଚଳରେ ଜଣେକା ଆଦିବାସୀ ନାବାଳିକା ଅସଦାଚରଣ ମାମଲାରେ ବହଳଦା ଠାରେ ଜାତୀୟ ରାଜପଥ ଅବରୋଧ ବେଳେ ପୋଲିସ ଓ ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ। ଯାହାକୁ ନେଇ ପୋଲିସ ଲାଠିଚାର୍ଜ କରିବାରୁ ଗ୍ରାମବାସୀ ଓ ପୋଲିସ ମୁହାଁମୁହିଁ ହୋଇଥିଲେ। ଏଥି ସହିତ ବହଳଦା ତହସିଲଦାରଙ୍କ ଗାଡ଼ି ଭଙ୍ଗାରୁଜା ସହ ଓଲଟାଇ ଦେଇଥିଲେ। ଏହି ଘଟଣାରେ ୩୪ ଜଣ ଆଦିବାସିଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ତେବେ ସମସ୍ତ ୩୪ ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିବାକୁ ଦାବି କରି ମୟୂରଭଞ୍ଜ ଆଦିବାସୀ ଏକତା ମଞ୍ଚ ୪୮ ଘଣ୍ଟିଆ ବାମନଘାଟି ଉପଖଣ୍ଡ ବନ୍ଦ ଡାକରା ଦିଆଯାଇଛି। ଶୁକ୍ରବାର ସକାଳ ୬ରୁ ରବିବାର ସକାଳ ୬ ପର୍ଯ୍ୟନ୍ତ ବନ୍ଦ ଡାକରା ଦିଆଯାଇଥିବା ବେଳେ ତାହାର ଜୋର୍‌ଦାର୍ ପ୍ରଭାବ ପଡିଛି। ଶୁକ୍ରବାର ସକାଳୁ ବିଭିନ୍ନ ଆଦିବାସୀ ଦଳ କର୍ମକର୍ତ୍ତା ମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରି ବନ୍ଦ ସଫଳ କରିଛନ୍ତି। ଉପଖଣ୍ଡ ମଧ୍ୟରେ ରାଇରଙ୍ଗପୁର ଦେଇ ଯାଇଥିବା ରାଞ୍ଚି-ବିଜୟୱାଡ଼ା ୨୨୦ ନମ୍ବର ଜାତୀୟ ରାଜପଥ ଓ କଲିକତା-ମୁମ୍ବାଇ ୪୯ ନମ୍ବର ଜାତୀୟ ରାଜପଥ ଅବରୋଧ କରାଯାଇଛି। ଯାହାଫଳରେ ଗାଡ଼ି ମଟର ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ସଂଖ୍ୟାରେ ଗାଡ଼ି ମୋଟର ଅଟକି ରହିଛି। ସେପଟେ ରାଜପଥ ବନ୍ଦ ଯୋଗୁଁ ରାଇରଙ୍ଗପୁରକୁ ଅନ୍ୟ ସ୍ଥାନରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଅଖ ଚକ ସମ୍ପୂର୍ଣ୍ଣ ବନ୍ଦ ଯୋଗୁଁ ଟ୍ରକ୍, ବସ୍, କାର୍, ତିନି ଚକିଆ ଯାନ ଚଳାଚଳ ବନ୍ଦ ରହିଛି। ବସ୍ ବନ୍ଦ ଯୋଗୁଁ ଯାତ୍ରୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ବାହାର ଗନ୍ତବ୍ୟସ୍ଥଳକୁ ଯିବାକୁ ଥିବା ବ୍ୟକ୍ତିମାନେ ବସ୍‌ଷ୍ଟାଣ୍ଡରେ ବସ୍‌କୁ ଅପେକ୍ଷା କରି ରହିଥିଲେ। ଏହି ବନ୍ଦକୁ ବିଜେଡି, ଜେଏମ୍‌ଏମ୍, କଂଗ୍ରେସ, ଆସେକା, ମାସା ଆର୍ମୀ, ଭଞ୍ଜ ଖେରୱାଳ ଜୁମିଦ ସମେତ ୧୫ଟି ଆଦିବାସୀ ସଙ୍ଗଠନ ସମର୍ଥନ ଜଣାଇ ମୟୂରଭଞ୍ଜ ଆଦିବାସୀ ଏକତା ମଞ୍ଚ ବନ୍ଦ କରିଛନ୍ତି। ଆଦିବାସ ମହିଳା ଓ ପୁରୁଷମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧନୁ, ତୀର ଆଦି ଧରି ବନ୍ଦ ସମୟରେ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ବାମନଘାଟି ଉପଖଣ୍ଡ ଅନ୍ତର୍ଗତ ରାଇରଙ୍ଗପୁର ପୌରପାଳିକା, ରାଇରଙ୍ଗପୁର, ଗୋରୁମହିଷାଣି, ବିଶୋଇ, ବିଜାତଳା, ବହଳଦା, ତିରିଂ, ଜାମଦା, କୁସୁମୀ, ବାଦାମପାହାଡ ପ୍ରଭୃତି ଅଞ୍ଚଳରେ ଜୋର୍‌ଦାର୍ ବନ୍ଦ ହୋଇଛି। ଉକ୍ତ ଅଞ୍ଚଳରେ ସମସ୍ତ ଦୋକାନ ବଜାର, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଖଣି ଖାଦାନ ପ୍ରଭୃତି ବନ୍ଦ କରାଯାଇଛି। ସଙ୍ଗଠନ ପକ୍ଷରୁ ଗୋରୁମହିଷାଣୀ ରେଳ ଷ୍ଟେସନ୍ ଠାରେ ଟାଟା ନଗର-ବାଦାମପାହାଡ଼ ମେମୁ ରେଳ ରୋକ୍ କରାଯାଇଥିଲା। କିଛି ସମୟ ଅଟକ ପରେ ରେଳ ଚଳାଚଳ ସ୍ୱାଭାବିକ ହୋଇଥିଲା। ୩୪ ଜଣ ଗିରଫ ଆଦିବାସୀଙ୍କୁ ନିର୍ଦ୍ଦୋଷରେ ଜେଲ୍‌ରୁ ଖଲାସ କରିବା, ଦାୟିତ୍ୱ ଅବହେଳା ପାଇଁ ପୋଲିସ କର୍ମଚାରୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଓ ପୀଡିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବନ୍ଦ କରି ରାଜରାସ୍ତାକୁ ଓହ୍ଲାଇଛନ୍ତି। ନେତାମାନଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ବାଇକ୍ ରାଲି କରି ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ତେବେ ବନ୍ଦ ଡାକରାକୁ ନେଇ ପୋଲିସ ପକ୍ଷରୁ ବାମନଘାଟି ଉପଖଣ୍ଡରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିଛନ୍ତି।

## ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟାକାରୀଙ୍କୁ ଶାସ୍ତି ଦିଆଯାଉ:ଏଆଇଡିଏସ୍‌ଓ

**ଢେଙ୍କାନାଳ, ନ୍ୟୁଜ୍ ବ୍ୟୁରୋ**

କାମାକ୍ଷାନଗର ମହିଳା ମହାବିଦ୍ୟାଳୟର ଯୁକ୍ତଦୁଇ ପ୍ରଥମ ବର୍ଷର ଛାତ୍ରୀ ଅଙ୍କିତା ପ୍ରିୟଦର୍ଶନୀ ବାରିକଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାର ନିରପେକ୍ଷ ଉଚ୍ଚ ସ୍ତରୀୟ ତଦନ୍ତ କରି ସଂପୃକ୍ତ ଅପରାଧୀଙ୍କୁ ଦୃଷ୍ଟାନ୍ତ ମୂଳକ ଦଣ୍ଡ ଦେବା ପାଇଁ ଏଆଇଡିଏସ୍‌ଓ ପକ୍ଷରୁ ଦାବି କରାଯାଇଛି। ସଂଗଠନର ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ ତଥା ଢେଙ୍କାନାଳ ଜିଲ୍ଲା ସଂଯୋଜକ ବିନୋଦ ସେଠୀ ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି ଯେ, ଗୋଟିଏ ପଟେ ପ୍ରଶାସନିକ ଅବ୍ୟବସ୍ଥା ତଥା ସମସ୍ତ ଆଇନ୍ ଶୃଙ୍ଖଳା ବ୍ୟବସ୍ଥା ଦିଗହରା ହୋଇଯାଇଥିବା ବେଳେ ଅନ୍ୟପଟେ ଅଶ୍ଳୀଳତା, ନଗ୍ନତା, ଅପସଂସ୍କୃତି ଓ ମଦ-ମାଦକ ଦ୍ରବ୍ୟର ବ୍ୟାପକ ପ୍ରଚାର ପ୍ରସାର ଫଳରେ ଯୁବ ସମାଜ ମାନସିକ ଭାରସାମ୍ୟ ହରାଉଛି। ସେହିପରି ନିକୃଷ୍ଟ ଭୋଗବାଦୀ ସଂସ୍କୃତିର ପ୍ରସାର ଓ ନୀତିନୈତିକାର ଚରମ ସଙ୍କଟ ଯୋଗୁଁ ଯୁବସମାଜ ସ୍ୱାର୍ଥପର ଓ ଆତ୍ମକୈନ୍ଦ୍ରିକ ହୋଇପଡୁଛି। ଏହାର ପରିଣତିରେ ରାଜ୍ୟରେ ନାରୀ ନିର୍ଯାତନା, ଦୁଷ୍କର୍ମ ଓ ହତ୍ୟା ତୀବ୍ରରୂପ ଧାରଣ କରୁଛି। ଏଣୁ ମୃତ ଛାତ୍ରୀଙ୍କ ପରିବାରକୁ ନ୍ୟାୟଦେବା ତଥା ଏହି ପରିସ୍ଥିତିର ମୁକାବିଲା ପାଇଁ ସରକାର ଉପଯୁକ୍ତ ପଦକ୍ଷେପ ନେବାରେ ଅବହେଳା କଲେ ଛାତ୍ର ଆନ୍ଦୋଳନକୁ ଶକ୍ତିଶାଳୀ କରାଯିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

## ସୁଭଦ୍ରା ଯୋଜନାର ଅଗ୍ରଗତି ସଂପର୍କରେ ସମୀକ୍ଷା



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଜିଲ୍ଲା ମହିଳା ଓ ଶିଶୁ ବିକାଶ ବିଭାଗର ସମୀକ୍ଷା ବୈଠକ ଜିଲ୍ଲାପାଳ ରଘୁରାମ ଆର୍ ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ପିଓ, ସମସ୍ତ ସିଡିପିଓ, ମମତା ଡିପିସି ମନୋରଞ୍ଜନ ଦାସ, ପୋଷଣ ଡିସି ସଂଜୟ ପାତ୍ର, ଶୁଭେନ୍ଦୁ ଦାସ, ରଜନୀ ଦାସ ପ୍ରମୁଖ ଉପସ୍ଥିତ ରହି ସୁଭଦ୍ରା ଯୋଜନାର ଅଗ୍ରଗତିର ସମୀକ୍ଷା କରାଯିବା ସହ ବିଭିନ୍ନ ସ୍ଥାନରୁ ଆସୁଥିବା ସୁଭଦ୍ରା ସଂପର୍କୀୟ ଅଭିଯୋଗ ଗୁଡ଼ିକୁ ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ମମତା ଯୋଜନାରେ ପାଉଥିବା ସହାୟତା ଯେଭଳି ଶତ ପ୍ରତିଶତ ଯୋଗ୍ୟ ହିତାଧିକାରୀ ମାନେ ପାଇପାରିବେ ସେଥିପ୍ରତି ସୁପର ଭାଇଜର ମାନଙ୍କୁ ଦୃଷ୍ଟି ଦେବଇାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ଜିଲ୍ଲାରୁ ବାଲ୍ୟ ବିବାହ ସଂପୂର୍ଣ୍ଣ ମୂଳପୋଛ କରିବା ପାଇଁ ସିଡିପିଓ ମାନଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ପୋଷଣରେ ଆଧାର, ଏଫ୍‌ଆର୍‌ଏସ୍, ଆପାର ଆଇଡି, ଶିଶୁଙ୍କର ଓଜନ ଅଭିବୃଦ୍ଧି ସଂପର୍କରେ ଆଲୋଚନା କରାଯାଇଥିଲା।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୨।୦୩।୨୦୨୬, ଚୈତ୍ର ଦି୮ନ, ରବିବାର**

**ସୂର୍ଯ୍ୟୋଦୟ- ଘ ୫।୫୧।୧୮** **ଚନ୍ଦ୍ରୋଦୟ- ପ୍ରାଘ ୭।୫୨।୧୮**

**ଚତୁର୍ଥୀ-** ରାଘ ୯।୧୮ ପର୍ଯ୍ୟନ୍ତ। ଦ୍ୱିଜା ନକ୍ଷତ୍ର ରାଘ ୧୦।୪୩ ପର୍ଯ୍ୟନ୍ତ। **ମେଷ ଚନ୍ଦ୍ର-** ରାଘ ୪।୧୫ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । ରାଘ ୪।୧୫ ଗତେ ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ମେଷ ରାଶିର । ରାଘ ୯।୧୮ ଗତେ ବିଛା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ମୂଳା ରାଘ ୯।୧୮ ଗତେ ବେଲ ଓ ପଣସ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୫୪ ଗତେ ଦିଘ ୯।୫୫ ମଧ୍ୟେ । ଦିଘ ୧।୨୫ ଗତେ ଦିଘ ୧।୫୬ ମଧ୍ୟେ । **ପର୍ବୋତ୍ସବ-** ବିନାୟକ ଚତୁର୍ଥୀ, ବିଶ୍ୱ ଜଳ ଦିବସ ।

**ମେଷ:** ସାମାଜିକ କାର୍ଯ୍ୟରେ ଯୋଗଦେବେ। ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହେବେ। ଖର୍ଚ୍ଚର ପରିମାଣ ଅଧିକ ହେବ। ପାରିବାରିକ ବିଶୃଙ୍ଖଳା ଦେଖାଦେଇପାରେ । ମହିଳାମାନେ ସୁଖୀ ହେବେ ।

**ବୃଷ:** ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ । ପାରିବାରିକ ଜୀବନ ସୁଖମୟ ହେବ। ଆର୍ଥିକ ସ୍ଥିତି ଚିନ୍ତାଜନକ ହୋଇପାରେ। ହଠାତ୍ ଦୂରକୁ ଯାତ୍ରା କରିବାକୁ ପଡ଼ିପାରେ । ମନ ଅସ୍ଥିର ରହିବ ।

**ମିଥୁନ:** ବ୍ୟବସାୟରେ ଲାଭବାନ୍ ହେବେ। ନୂତନ କାର୍ଯ୍ୟ ହାତକୁ ନେଇପାରନ୍ତି। ଶୁଭ ଖବର ମିଳିପାରେ। ରୋଜଗାର ଭଲ ହେବ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା ।

**କର୍କଟ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଦେବ ଦର୍ଶନ ନିମନ୍ତେ ଦୂରକୁ ଯାତ୍ରା କରିପାରନ୍ତି। ଆର୍ଥିକ ସ୍ଥିତି ଭଲ ରହିବ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା ।

**ସିଂହ:** ମାଲିମୋକଦ୍ଦମା କ୍ଷେତ୍ରରେ ବିଜୟ ହାସଲ କରିବେ। ଆୟ ଠାରୁ ବ୍ୟୟର ପରିମାଣ ସାମାନ୍ୟ ବଢ଼ିପାରେ। ପାରିବାରିକ ଜୀବନ ଶାନ୍ତିମୟ ହେବ। ସାମାଜିକ ସ୍ତରରେ ସମ୍ମାନିତ ହୋଇପାରନ୍ତି। ମହିଳାମାନେ ଗର୍ବୀ ହେବେ।

**କନ୍ୟା:** ଦିନଟି ଆପଣଙ୍କ ପାଇଁ ସମସ୍ୟା ପୂର୍ଣ୍ଣ ହେବ। ବ୍ୟୟର ମାତ୍ରା ବଢ଼ିପାରେ । ପରିଶ୍ରମର ମାତ୍ରା ଅଧିକ ହେବ। ଘରେ ଆନନ୍ଦ ଦେଖାଦେବ। ପରୋପକାରୀ ହେବେ । ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ ।

**ତୁଳା:** ବ୍ୟବସାୟରେ ଲାଭବାନ୍ ହେବେ। ପରିବାରରେ ଶାନ୍ତି ବଜାୟ ରଖନ୍ତୁ। ରୋଗାର ଭଲ ହେବ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଶରୀର ସୁସ୍ଥ ରହିବ। ମହିଳାମାନେ ସୁଖୀ ହେବେ । ମନ ଭଲ ରହିବ ।

**ବିଛା:** ଖଳ ପ୍ରକୃତିର ଲୋକଙ୍କ ଠାରୁ ଦୂରେଇ ରହିବା ଭଲ। ହଠାତ୍ କୌଣସି ଶୁଭ ଖବର ମିଳିପାରେ। ଆର୍ଥିକ ସ୍ଥିତି ସୁଦୃଢ଼ ରହିବ। ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ। ଦେହ ଓ ମନ ଭଲ ରହିବ ।

**ଧନୁ:** ବନ୍ଧୁ ମିଳନ ସହ ସାହାଯ୍ୟ ସହଯୋଗ ପ୍ରାପ୍ତ ହେବ। ପରୋପକାରୀ ହେବେ। କଚେରୀ ମାମଲାରେ ଶୁଣାଣି ବିଳମ୍ବ ହେବ। ଆୟ ଓ ବ୍ୟୟ ସାମନ ରହିବ। ଘରେ ଆନନ୍ଦ ଦେଖାଦେବାର ସୂଚନା ।

**ମକର:** ହଠାତ୍ କୌଣସି ଖବର ପାଇ ମାନସିକ ଚିନ୍ତା ବଢ଼ିପାରେ। ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ। ବ୍ୟବସାୟ ମଧ୍ୟମ ଧରଣର ହେବ। ଗୃହେ ଆନନ୍ଦ ଦେଖାଦେବ। ମହିଳାମାନେ ସୁଖୀ ହେବେ।

**କୁମ୍ଭ:** ଆର୍ଥିକ ସ୍ଥିତିରେ ସୁଧାର ଆସିବ। ନୂତନ କାର୍ଯ୍ୟ ହାତକୁ ନେଇ ସଫଳ ହେବେ। ସାମାଜିକ ସ୍ତରରେ ସମ୍ମାନିତ ହେବେ। ଗୃହେ ଶାନ୍ତି ରହିବ। ପିଲାମାନେ ପାଠପଢ଼ାରେ ଆଗେଇବେ। ଦେହ ଭଲ ରହିବ ।

**ମୀନ:** ଶତ୍ରୁ ନାଶ ହେବେ। କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଭ୍ରମଣ ସୁଖ ରହିଛି। ମନ ଭଲ ରହିବ। ଆୟରେ ଉନ୍ନତି ଦେଖାଦେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ମହିଳାମାନେ ସୁଖୀ ହେବେ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୩।୦୩।୨୦୨୬, ଚୈତ୍ର ଦି୯ନ, ସୋମବାର**

**ସୂର୍ଯ୍ୟୋଦୟ- ଘ ୫।୫୧।୨୭** **ଚନ୍ଦ୍ରୋଦୟ- ଦିଘ ୮।୪୧।୨୨**

**ପଞ୍ଚମୀ-** ସଂଘ ୬।୪୦ ପର୍ଯ୍ୟନ୍ତ । କୃତ୍ତିକା ନକ୍ଷତ୍ର ରାଘ ୮।୫୦ ପର୍ଯ୍ୟନ୍ତ। **ବୃଷ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ବିଛା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବେଲ ଓ ପଣସ ସଂଘ ୬।୪୦ ଗତେ ନିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୫୪ ଗତେ ଦିଘ ୭।୪୫ ମଧ୍ୟେ । ଦିଘ ୪।୨୫ ଗତେ ଦିଘ ୫।୫୦ ପର୍ଯ୍ୟନ୍ତ। **ପର୍ବୋତ୍ସବ-** ପୀଠେ ବାସନ୍ତିକ ଷଷ୍ଠୀ ପୂଜା।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଡିଜିଟାଲ ଆରେଷ୍ଟ ପାଇଁ କଠୋର ପଦକ୍ଷେପ

ଡିଜିଟାଲ ଆରେଷ୍ଟ ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି କେନ୍ଦ୍ର ସରକାର । ଏହି ସ୍କାମରେ ରୋକ ଲଗାଇବାକୁ ବଡ ଆଦେଶ ଦେଇଛନ୍ତି ସରକାର। ଡିଜିଟାଲ ଆରେଷ୍ଟ ପାଇଁ ବ୍ୟବହୃତ ଡିଭାଇସ୍ ଆଇଡିଗୁଡ଼ିକୁ ବ୍ଲକ୍ କରିବାକୁ ହ୍ୱାଟ୍ସଆପକୁ ନିର୍ଦ୍ଦେଶ ଦେଇଛନ୍ତି। ଅନେକ ଠକେଇରେ, ଅପରାଧୀମାନେ ପୀଡିତମାନଙ୍କୁ ହ୍ୱାଟ୍ସଆପ୍ କଲ୍, ମେସେଜ୍ ଏବଂ ଭିଡିଓ କଲ୍ କରିବା ପାଇଁ ହ୍ୱାଟ୍ସଆପ୍ ବ୍ୟବହାର କରନ୍ତି। ସରକାରଙ୍କ ନିର୍ଦ୍ଦେଶ ପରେ, WhatsApp ଭଳି ପ୍ଲାଟଫର୍ମଗୁଡ଼ିକ ଏବେ Skype ଭଳି ସୁରକ୍ଷା ଫିଚର କାର୍ଯ୍ୟକାରୀ କରିବା ବିଷୟରେ ବିଚାର କରୁଛନ୍ତି । ଆଇଟି ନିୟମ ୨୦୨୧ ଅନୁଯାୟୀ ତଦନ୍ତକାରୀ ଏଜେନ୍ସିଗୁଡ଼ିକୁ ତଦନ୍ତରେ ସହାୟତା କରିବା ପାଇଁ ୧୮୦ ଦିନ ପାଇଁ ଡିଲିଟ୍ କରାଯାଇଥିବା ଆକାଉଣ୍ଟ ତଥ୍ୟ ସଂରକ୍ଷଣ କରିବାକୁ ବାଧ୍ୟତାମୂଳକ କରାଯାଇପାରେ । ବିପଦପୂର୍ଣ୍ଣ ଏପିକେ ଏବଂ ନକଲି ଆପ୍ ଚିହ୍ନଟ ଏବଂ ଅବରୋଧ କରିବା ପାଇଁ ମଧ୍ୟ ଯୋଜନା ରହିଛି । ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଦ୍ୱାରା ଗଠିତ ଏକ ଉଚ୍ଚସ୍ତରୀୟ ଆନ୍ତଃ-ବିଭାଗୀୟ କମିଟି ଡିଜିଟାଲ ଆରେଷ୍ଟ ବିପଦକୁ ମୁକାବିଲା କରିବା ପାଇଁ ହ୍ୱାଟ୍ସଆପକୁ କିଛି ପ୍ରମୁଖ ପଦକ୍ଷେପ କାର୍ଯ୍ୟକାରୀ କରିବାକୁ କହିଛି, ଯେଉଁଥିରେ ଠକେଇ ପାଇଁ ପୁଲିସ ଏବଂ ଆଇନ ଅଧିକାରୀଙ୍କୁ ନକଲ କରିବା ଭଳି ଅପରାଧ ସାମିଲ । ହ୍ୱାଟ୍ସଆପ ଏକ ଲୋକପ୍ରିୟ ମେସେଜିଂ ଆପ୍ । ଯାହାକୁ କୋଟି କୋଟି ଲୋକ ୟୁଜ କରୁଛନ୍ତି । ଏହି ଲୋକପ୍ରିୟତାର ଫାଇଦା ଉଠାଇ ସାଇବର ସ୍କାମର ମାନେ ହ୍ୱାଟ୍ସଆପ୍ ଆଇଡି ତିଆରି କରନ୍ତି । ଏବଂ ନିରୀହ ଲୋକଙ୍କ ଟାର୍ଗେଟ କରନ୍ତି । ସରକାର ସାଇବର ଅପରାଧୀଙ୍କ ଦ୍ୱାରା ବ୍ୟବହୃତ ଆଇଡିଗୁଡିକୁ ବ୍ଲକ କରିବାକୁ ଚାହୁଁଛନ୍ତି । ଡିଭାଇସ୍ ଆଇଡି କ'ଣ ? ଡିଭାଇସ୍ ଆଇଡି ଅର୍ଥ ଯେକୌଣସି ଗ୍ୟାଜେଟର ପରିଚୟ, ଯାହା ଏକ ଅନନ୍ୟ ନମ୍ବର ଏବଂ ଏହା ଭାରତର ପ୍ରତ୍ୟେକ ଭାରତୀୟଙ୍କ ଆଧାର ନମ୍ବର ପରି । ଡିଭାଇସ୍ ଆଇଡି ଅନେକ ପ୍ରକାରର ହୋଇପାରେ, ଯେଉଁଥିରେ IMEI ନମ୍ବର, MAC ଠିକଣା, ଡିଭାଇସ୍ ସିରିଏଲ୍ ନମ୍ବର ଅନ୍ତର୍ଭୁକ୍ତ । ମୋବାଇଲ୍ ନେଟୱାର୍କରେ ଫୋନ୍ ଚିହ୍ନଟ କରିବା ପାଇଁ IMEI ନମ୍ବର ବ୍ୟବହାର କରାଯାଏ । Wi-Fi କିମ୍ବା ନେଟୱାର୍କ ଚିହ୍ନଟ ପାଇଁ MAC ଠିକଣା ବ୍ୟବହାର କରାଯାଏ

ଡିଜିଟାଲ୍ ଆରେଷ୍ଟ କ'ଣ ? ଡିଜିଟାଲ୍ ଆରେଷ୍ଟ ଠକେଇରେ, ଅଭିଯୁକ୍ତମାନେ ପୀଡିତଙ୍କୁ ଭୟଭୀତ କରିବା ଏବଂ ଟଙ୍କା ଆଦାୟ କରିବା ପାଇଁ ପୁଲିସ ଅଧିକାରୀ ଭାବରେ ନିଜକୁ ପରିଚୟ ଦିଅନ୍ତି । ହ୍ୱାଟ୍ସଆପ୍ ବ୍ୟବହାର କରି, ସେମାନେ ପ୍ରଥମେ ପୀଡିତମାନଙ୍କୁ ବିଭିନ୍ନ ବାହାନା ଦେଖାଇ ଭୟଭୀତ କରନ୍ତି, ମିଥ୍ୟା ଗିରଫ ଧମକ ଦିଅନ୍ତି । ତା'ପରେ ସେମାନେ ସେମାନଙ୍କୁ ତଦନ୍ତ ପାଇଁ ଅନ୍ୟ ଏକ ସହରକୁ ଡକାଇଥାନ୍ତି । ଯେତେବେଳେ ପୀଡିତ ଅନ୍ୟ ସହରକୁ ପହଞ୍ଚି ପାରନ୍ତି ନାହିଁ, ସେମାନଙ୍କୁ ଡିଜିଟାଲ୍ ଭାବରେ ତଦନ୍ତରେ ସହଯୋଗ କରିବାକୁ କୁହାଯାଏ । ଏହାକୁ ଡିଜିଟାଲ୍ ଗିରଫ କୁହାଯାଏ ।

# ଶେଖ ହସିନାଙ୍କ ପ୍ରତ୍ୟାର୍ପଣ: ଭାରତ ପାଇଁ ଏକ ଜଟିଳ ପ୍ରସଙ୍ଗ



**ଡାକ୍ତର ରାଜକିଶୋର ପଣ୍ଡା**
ଓଡ଼ିଶା ସ୍ୱାସ୍ଥ୍ୟ ସେବା
ଭୁବନେଶ୍ୱର
ମୋବାଇଲ ନଂ- ୮୧୪୪୦୪୨୯୯୭

ସମ୍ପ୍ରତି ବାଂଲାଦେଶରେ ସାଧାରଣ ନିର୍ବାଚନର ପରିସମାପ୍ତି ଘଟି ନୂତନ ସରକାର କ୍ଷମତାସୀନ ହୋଇଅଛି। ଉଭୟ ଭାରତ ଓ ବାଂଲାଦେଶ ବର୍ତ୍ତମାନ ସମୟରେ ନିଜ ଭିତରେ ଥିବା ଦ୍ୱିପାକ୍ଷିକ ସମ୍ପର୍କକୁ ସୁଧାରିବାକୁ ଦୃଢ଼ ଉଦ୍ୟମରତ କିନ୍ତୁ ଏହି ପ୍ରକ୍ରିୟାରେ ଏକ ବୃହତ ସମସ୍ୟା ସୃଷ୍ଟି କରୁଛି ଶେଖ ହସିନାଙ୍କ ପ୍ରତ୍ୟାର୍ପଣ ପ୍ରସଙ୍ଗ। ଶେଖ ହସିନା, ପାଞ୍ଚ ଅଗଷ୍ଟ ୨୦୨୪ ରେ ହିଂସ୍ର ବିଦ୍ରୋହୀମାନଙ୍କଠାରୁ ନିଜ ଜୀବନ ବଞ୍ଚାଇ ଢାକାରୁ ଦିଲ୍ଲୀକୁ ଏକ ଗୁପ୍ତ ବିମାନ ଯୋଗେ ପଳାୟନ କରିଥିଲେ। ବର୍ତ୍ତମାନ ସେ ଦିଲ୍ଲୀରେ ଏକ ନିର୍ବାସିତ ଜୀବନ ବିତାଉ ଅଛନ୍ତି। ବାଂଲାଦେଶ ତରଫରୁ ବାରମ୍ବାର ହସିନାଙ୍କର ପ୍ରତ୍ୟାର୍ପଣ ଦାବି ଭାରତ ଆଗରେ ହୋଇଆସୁଥିଲେ ମଧ୍ୟ, ସେ ଦୀର୍ଘ ଅଠର ମାସ ଧରି ଦିଲ୍ଲୀରେ ରହିବା, ଦକ୍ଷିଣ ଏସିଆର ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ଥିବା ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କରେ ଏକ ତୀବ୍ର ଅବନତି ଆଣିଛି। ବିଶ୍ୱ ରାଜନୀତିର ବିଶେଷଜ୍ଞମାନେ ମଧ୍ୟ ମତବ୍ୟକ୍ତ କରିଛନ୍ତି କି, ଭାରତ କେବେ ବି କୌଣସି ପରିସ୍ଥିତିରେ ମୃତ୍ୟୁ ଦଣ୍ଡାଦେଶକୁ ସାମନା କରିବା ନିମନ୍ତେ ହସିନାଙ୍କୁ ବାଂଲାଦେଶକୁ ଦେବ ନାହିଁ।

ବାଂଲାଦେଶର ଜନ୍ମଦାତା ଶେଖ ମୁଜିବୁର ରହେମାନଙ୍କର ଜ୍ୟେଷ୍ଠା କନ୍ୟା, ହସିନା ଦେଶର ସବୁଠାରୁ ଦୀର୍ଘକାଳ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ହେବାର ଗୌରବ ହାସଲ କରିଛନ୍ତି। ଭାରତରେ ଶରଣ ନେବା ତାଙ୍କ ପକ୍ଷରେ ଏହିଥର ପ୍ରଥମ ନୁହେଁ। ପନ୍ଦର ଅଗଷ୍ଟ ୧୯୭୫ ମସିହାରେ ବାଂଲାଦେଶର ତତ୍କାଳୀନ ପ୍ରଧାନମନ୍ତ୍ରୀ ତଥା ଏହାର ସୃଷ୍ଟିକର୍ତ୍ତା ଶେଖ ମୁଜିବୁର ରହେମାନଙ୍କୁ ତାଙ୍କ ପରିବାରବର୍ଗଙ୍କ ସହିତ ଢାକାସ୍ଥିତ ବାସଭବନରେ ଏକ ସାମରିକ ବିଦ୍ରୋହଦ୍ୱାରା ହତ୍ୟା କରାଯାଇଥିଲା। ମୁଜିବୁର ରହେମାନ, ତାଙ୍କର ପତ୍ନୀ, ତିନୋଟି ପୁତ୍ର ଓ ଅନ୍ୟାନ୍ୟ ସମ୍ପର୍କୀୟମାନେ ଏଥିରେ ନିହତ ହୋଇଥିଲେ। କେବଳ ଦୁଇଜଣ କନ୍ୟା, ଏହି ହତ୍ୟାକାଣ୍ଡରୁ ଭାଗ୍ୟବଶତଃ ବଞ୍ଚିଯାଇଥିଲେ, କାରଣ ସେମାନେ ସେତେବେଳେ ଜର୍ମାନୀରେ ଥିଲେ। ଏହି ଦୁଇକନ୍ୟାଙ୍କର ନାମ ଥିଲା ଶେଖ୍ ହସିନା ଓ ଶେଖ୍ ରେହାନା। ନିଜ ସ୍ୱାମୀ ଏମ୍.ଏ. ୱାଜିଦ ମିଆଁଙ୍କ ସହିତ ଭାରତର ଶରଣାଗତ ହେବା ଛଡ଼ା ହସିନାଙ୍କର ସେତେବେଳେ ଅନ୍ୟ କୌଣସି ଉପାୟ ନଥିଲା। ସୂଚନାଯୋଗ୍ୟ ହସିନାଙ୍କ ସ୍ୱାମୀ ୱାଜିଦ୍ ମିଆଁ ଜଣେ ସୁପ୍ରତିଷ୍ଠିତ ପଦାର୍ଥ ବିଜ୍ଞାନୀ ତଥା ବାଂଲାଦେଶର ପରମାଣୁ ଶକ୍ତି ଆୟୋଗର ଭୂତପୂର୍ବ ଚେଆରମ୍ୟାନ୍ ଥିଲେ। ୨୦୦୯ ମସିହାରେ ଶାରୀରିକ ଅସୁସ୍ଥତା ହେତୁ ସେ ମୃତ୍ୟୁବରଣ କରିଥିଲେ। ପ୍ରଥମଥର ୧୯୭୫ ରୁ ୧୯୮୧ ମସିହା ପର୍ଯ୍ୟନ୍ତ ହସିନା ନିଜର ପରିବାରବର୍ଗଙ୍କ ସହ ଦିଲ୍ଲୀରେ ନିର୍ବାସିତ ଜୀବନ କଟାଇଥିଲେ। ଏହି ସମୟର ସ୍ମୃତି ଚାରଣ କରି ୨୦୨୨ ମସିହାରେ ସେ ନ୍ୟୁଜ ଏଜେନ୍ସି ଏ.ଏନ.ଆଇ କୁ ଏକ ସାକ୍ଷାତ୍କାର ମଧ୍ୟ ଦେଇଥିଲେ। ସେ କହିଥିଲେ, "ବଙ୍ଗବନ୍ଧୁଙ୍କ ହତ୍ୟା ପରେ ଇନ୍ଦିରାଗାନ୍ଧୀ ତାଙ୍କୁ ସନ୍ଦେଶ ପ୍ରେରଣ କରି ସୂଚନା ଦେଇଥିଲେ କି, ସେ ଆମ୍ଭମାନଙ୍କୁ ଆଶ୍ରୟ ଓ ସୁରକ୍ଷା ପ୍ରଦାନ କରିବାକୁ ଆଗ୍ରହୀ।" ଦିଲ୍ଲୀ ଆସିଲା ପରେ, ଇନ୍ଦିରାଗାନ୍ଧୀଙ୍କୁ ଭେଟିଲା ପରେ ହିଁ ହସିନା ତାଙ୍କ ପରିବାରର ଅଠର ଜଣଙ୍କର ହତ୍ୟା ବିଷୟରେ ଜାଣିଲେ। ଭାରତରେ ଆଶ୍ରୟ ନେଲା ପରେ ୧୯୮୧ ମସିହାରେ ସେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କଲେ। ସେଠାରେ କବ୍ଜା କରି ରହିଥିବା ସାମରିକ ସରକାର ବିରୁଦ୍ଧରେ ଏକ ଲମ୍ବା ସଂଘର୍ଷ ତାଙ୍କୁ ଲଢ଼ିବାକୁ ହେଲା। ଦୁର୍ନୀତି ଅଭିଯୋଗରେ ସେ କାରାବରଣ ମଧ୍ୟ କରିଥିଲେ। ପରିଶେଷରେ ୧୯୯୬ ମସିହାରେ ନିର୍ବାଚନରେ ବିଜୟ ଲାଭ କରି ଶେଖ୍ ହସିନା ପ୍ରଥମଥର ପାଇଁ ବାଂଲାଦେଶର ପ୍ରଧାନମନ୍ତ୍ରୀ ହେଲେ। ହସିନାଙ୍କର ଦୀର୍ଘ ପନ୍ଦରବର୍ଷର କାର୍ଯ୍ୟକାଳ ସମୟରେ ଭାରତ ଓ ବାଂଲାଦେଶ ମଧ୍ୟରେ ପାରସ୍ପରିକ ସହଯୋଗ ଓ କୂଟନୀତି ଶିଖରକୁ ଛୁଇଁଥିଲା କହିଲେ ଅତ୍ୟୁକ୍ତି ହେବନାହିଁ। ଭାରତର ଉତ୍ତର-ପୂର୍ବରେ ସକ୍ରିୟ ଥିବା ଆତଙ୍କବାଦୀ ସଙ୍ଗଠନ "ଉଲଫା"ର ଶିବିରକୁ ବାଂଲାଦେଶରେ ଶେଖ୍ ହସିନା ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଧ୍ୱଂସ କରିଥିଲେ। ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପ ଯେପରିକି ଆଖୁରା-ଅଗରତାଲା ରେଳ ଲାଇନ ଏବଂ ଚଟ୍ଟଗ୍ରାମ ଓ ମଙ୍ଗଲା ବନ୍ଦରରେ ଭାରତର ପରିବହନ କ୍ଷେତ୍ରକୁ ସେ ଅକୁଣ୍ଠ ସମର୍ଥନ ଯୋଗାଇ ଦେଇଥିଲେ। ଏହି ସମୟରେ ଦ୍ୱି-ପାକ୍ଷିକ ବାଣିଜ୍ୟ କାରବାର ତେର ବିଲିଅନ ଡଲାର ଛୁଇଁଥିଲା। ଆହୁରି ମଧ୍ୟ ୨୦୧୫ ମସିହାରେ ଦୁଇଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା ଲ୍ୟାଣ୍ଡ ବାଉଣ୍ଡେରୀ ଆଗ୍ରିମେଣ୍ଟ ଯାହାକି ଦୀର୍ଘ ଅଠଷଠି ବର୍ଷର ସୀମା ବିବାଦର ପରିସମାପ୍ତି ଘଟାଇଥିଲା।

ନଭେମ୍ବର ସତର, ୨୦୨୫ ରେ ଚାରିଶହ ତେପନ ପୃଷ୍ଠାର ରାୟରେ ବାଂଲାଦେଶର ଆନ୍ତର୍ଜାତିକ ଅପରାଧ ଟ୍ରିବ୍ୟୁନାଲ ହାସିନା ଓ ତାଙ୍କର ଅନ୍ୟ ଦୁଇଜଣ ସହଯୋଗୀଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଛନ୍ତି। ତାଙ୍କର ଅପରାଧ ଆନ୍ଦୋଳନକାରୀମାନଙ୍କ ଉପରେ ଗୁଳି ଚଳାଇବା, ଯାହା ଫଳରେ କି ଛଅଜଣ ନିରସ୍ତ୍ର ଜନତାଙ୍କର ମୃତ୍ୟୁ ଘଟିଛି। ବର୍ତ୍ତମାନ ହାସିନାଙ୍କର ଭାରତକୁ ପଳାୟନ ଓ ସେଠାରେ ଆଶ୍ରୟ ଗ୍ରହଣ ଦୁଇଦେଶର ଦ୍ୱିପାକ୍ଷିକ ସମ୍ପର୍କରେ ଭଙ୍ଗା ସୃଷ୍ଟି କରିଛି। ମହମ୍ମଦ ୟୁନୁସଙ୍କର ଅନ୍ତରୀଣ ସରକାର ଓ ଏବେ ନବନିର୍ବାଚିତ ବି.ଏନ.ପି. ସରକାର ମଧ୍ୟ ଦେଶର ଜନତାଙ୍କଠାରୁ ଚାପଗ୍ରସ୍ତ ହେଉଛନ୍ତି, ହସିନାଙ୍କର ପ୍ରତ୍ୟାର୍ପଣ ଓ ତାଙ୍କ ବିରୁଦ୍ଧରେ ବିଚାର ନିମନ୍ତେ।

ହସିନା ତାଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ କରିଥିବା ଏକଛତ୍ରବାଦୀ କାର୍ଯ୍ୟକଳାପ ପଛରେ ଭାରତର ହାତ ଥିବା ମଧ୍ୟ ଅଧିକାଂଶ ବାଂଲାଦେଶୀ ଜନତା ବିଶ୍ୱାସ କରୁଛନ୍ତି ଓ ସେମାନଙ୍କର ସେହି ବିଶ୍ୱାସକୁ ବଳ ମିଳୁଛି, ଯେତେବେଳେ ହସିନା ଭାରତୀୟ ମାଟିରୁ ରାଜନୈତିକ ମନ୍ତବ୍ୟମାନ ଦେଉଛନ୍ତି। ଭାରତ ପାଇଁ ମଧ୍ୟ ବାଂଲାଦେଶର ଏହି ବଦଳିଥିବା ରାଜନୈତିକ ପରିସ୍ଥିତି ବିଭିନ୍ନ ବିପଦ ସୃଷ୍ଟି କରିପାରେ ବୋଲି ଆଶଙ୍କା କରାଯାଉଛି। ଭାରତର ଏକ ଅତ୍ୟନ୍ତ ସମ୍ବେଦନଶୀଳ ସ୍ଥାନ "ସିଲିଗୁଡ଼ି କରିଡର" ଯାହାକୁ ମଧ୍ୟ କୁହାଯାଏ "ଚିକେନ୍ ନେକ୍", ଉପରେ ବାଂଲାଦେଶର ସତର୍କ ଦୃଷ୍ଟିରେ ହ୍ରାସ ଘଟିଲେ, ବିଭିନ୍ନ ଆତଙ୍କବାଦୀ ସଙ୍ଗଠନ ନିମନ୍ତେ ଏହା ସୁବର୍ଣ୍ଣ ସୁଯୋଗ ଆଣିଦେବ। ସେହିପରି ମଧ୍ୟ ବାଂଲାଦେଶ ଭାରତର ଆଧିପତ୍ୟକୁ କମାଇବା ନିମନ୍ତେ ଏହାର ପ୍ରତିରକ୍ଷା ଓ ଭିତ୍ତିଭୂମିର ଆବଶ୍ୟକତା ମେଣ୍ଟାଇବା ପାଇଁ ଚୀନ ଓ ପାକିସ୍ତାନ ଆଡ଼କୁ ଢଳିପାରେ। ଶେଖ ହସିନାଙ୍କର ପ୍ରତ୍ୟାର୍ପଣ ଦାବିକୁ ଢାଲ କରି ଦୁଇଦେଶ ମଧ୍ୟରେ ଚାଲିଥିବା ଭିତ୍ତିଭୂମି ପ୍ରକଳ୍ପକୁ ବାଂଲାଦେଶ ଅଟକାଇ ଦେଇପାରେ। ଆତଙ୍କବାଦୀ କାର୍ଯ୍ୟକଳାପ ଉପରେ ରୋକ୍ ହେଉ କିମ୍ବା ହେଉ ଜଳ ଓ ସୀମା ବିବାଦର ସମାଧାନ ଭାରତର ସବୁଠାରୁ ନିର୍ଭରଶୀଳ ସହଯୋଗୀ ହେଉଛି ଆୱାମୀ ଲିଗ୍। ପ୍ରଥମେ ଅନ୍ତରୀଣ ସରକାର ଓ ଏବେ ତାରିକ ଜିଆଙ୍କ ସରକାର ମଧ୍ୟ ଭାରତ ଉପରେ ଆରୋପ ଲଗାଇଛନ୍ତି କି, ଭାରତ ମାଟିରେ ଆୱାମୀ ଲିଗ୍ର ନେତୃବୃନ୍ଦ ସେମାନଙ୍କର ରାଜନୈତିକ କାର୍ଯ୍ୟକଳାପ କରୁଛନ୍ତି। ଯଦିଓ ଭାରତ ଢାକାର ଏହି ଦାବିକୁ ପ୍ରତ୍ୟାଖ୍ୟାନ କରିଛି କିନ୍ତୁ ନିକଟ ଅତୀତରେ ସମ୍ପନ୍ନ ହୋଇଥିବା ନିର୍ବାଚନରେ ଆୱାମୀ ଲିଗ୍ର ବାସନ୍ଦ ପ୍ରକ୍ରିୟାକୁ ମଧ୍ୟ ଏହା ନାପସନ୍ଦ କରିଛି। ଭାରତର ବୈଦେଶିକ ମନ୍ତ୍ରଣାଳୟ ଏହାକୁ ବାଂଲାଦେଶର ଗଣତନ୍ତ୍ର ପ୍ରତି ଦୁର୍ଭାଗ୍ୟଜନକ ବୋଲି ଦର୍ଶାଇଛି। ଶେଖ ହସିନା ଭାରତରେ ଯେତେ ଦିନ ରହିବେ, ଭାରତ ପାଇଁ ଏକ ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତି ଯେ ସୃଷ୍ଟି କରିବେ ଏଥିରେ ସନ୍ଦେହ ନାହିଁ। ନବନିର୍ବାଚିତ ବି.ଏନ.ପି. ସରକାର ମଧ୍ୟ ଭାରତକୁ ଚାପରେ ରଖିବା ପାଇଁ ବାରମ୍ବାର ଏହି ପ୍ରସଙ୍ଗଟିକୁ ସାମନାକୁ ଆଣିବେ। ଏହାର ଏକ ସ୍ପଷ୍ଟ ଇଙ୍ଗିତ ମଧ୍ୟ ଦେଇସାରିଛନ୍ତି ବି.ଏନ.ପି. ର ବରିଷ୍ଠ ନେତା ସଲାଉଦ୍ଦିନ ଅହମ୍ମଦ। ଅହମ୍ମଦ କହିଛନ୍ତି କି, "ବାଂଲାଦେଶ ଏହା ଚାହେଁ ଯେ, ଭାରତ ୨୦୧୩ ମସିହାର ଚୁକ୍ତିକୁ ସମ୍ମାନ ଦେଉ ଓ ଶେଖ୍ ହସିନାଙ୍କର ପ୍ରତ୍ୟାର୍ପଣରେ ସହଯୋଗ କରୁ।" ୨୦୧୩ ମସିହାର ଚୁକ୍ତିଟି କଣ ତାହା ପାଠକମାନେ ଜାଣିବା ଦରକାର।

୨୦୧୩ ରେ ଭାରତ ଓ ବାଂଲାଦେଶ ମଧ୍ୟରେ ଅପରାଧୀ ପ୍ରତ୍ୟାର୍ପଣ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ୨୦୧୬ ରେ ଏଥିରେ କିଛି ପରିବର୍ତ୍ତନ ମଧ୍ୟ ଅଣାଯାଇଥିଲା। ଅତିକମ୍‌ରେ ଏକବର୍ଷ ଜେଲ୍ ଦଣ୍ଡାଦେଶ ପାଇଥିବା ଅପରାଧୀମାନଙ୍କର ପ୍ରତ୍ୟାର୍ପଣ ଏହି ଚୁକ୍ତି ଅନୁସାରେ କରାଯାଇପାରିବ। ଏଥିରେ ଅନ୍ତର୍ଭୁକ୍ତ ହୋଇଥିବା ଅପରାଧଗୁଡ଼ିକ ହେଉଛି ଆତଙ୍କବାଦ ଓ ନିଶା କାରବାର ଇତ୍ୟାଦି କିନ୍ତୁ ରାଜନୈତିକ କ୍ଷେତ୍ରରେ ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିବିଶେଷଙ୍କର ପ୍ରତ୍ୟାର୍ପଣରେ ମନା କରିବା ପାଇଁ ଏଥିରେ ସୁବିଧା ଅଛି। ଏଗାର ପୃଷ୍ଠା ବ୍ୟାପୀ ଏହି ରାଜିନାମାର ଅନୁଚ୍ଛେଦ ୬,୭,୮ ଅନୁଯାୟୀ ହାସିନା ଅପରାଧ ମାମଲାରୁ ମୁକ୍ତ ହୋଇପାରିବେ। ଭାରତ ମଧ୍ୟ ଏହି ରାଜିନାମା ଅନୁଯାୟୀ ହସିନାଙ୍କର ପ୍ରତ୍ୟାର୍ପଣକୁ ମନା କରିଦେଇପାରେ। ଏଥିରେ ସ୍ୱାକ୍ଷର କରିଥିବା ତତ୍କାଳୀନ ଗୃହମନ୍ତ୍ରୀ ସୁଶୀଲ ସିନ୍ଦେ ଓ ତାଙ୍କର ପ୍ରତିପକ୍ଷ ମୋହିନୁଦ୍ଦିନ ଖାନ୍ ଆଲମଗିର୍ ଏବେ ଜୀବିତ ମଧ୍ୟ ଅଛନ୍ତି। ଏହି ଭିତରେ ବି.ଏନ.ପି ର ସାଧାରଣ ସମ୍ପାଦକ ମିର୍ଜା ଫକ୍ରୁଲ୍ ଇସଲାମ ମଧ୍ୟ କହିଛନ୍ତି କି, ଯଦିଓ ବାଂଲାଦେଶର ନୂଆ ସରକାର ଓ ଦେଶର ଜନତା ଶେଖ୍ ହାସିନାଙ୍କର ପ୍ରତ୍ୟାର୍ପଣ ଚାହାନ୍ତି, ଏହି ପ୍ରସଙ୍ଗକୁ ନେଇ କିନ୍ତୁ ଦ୍ୱିପାକ୍ଷିକ ସମ୍ପର୍କରେ ଅବନତି ଆସିବାରେ କୌଣସି ଯଥାର୍ଥତା ନାହିଁ ବରଂ ନୂଆ ସରକାର ଏହି ସମ୍ପର୍କକୁ ଆହୁରି ଦୃଢ଼ କରିବାରେ ଆଶାବାଦୀ ଅଛନ୍ତି।

ଏହା ମଧ୍ୟ ପ୍ରସ୍ତାବ ଦିଆଯାଉଛି କି ଯଦି ଶେଖ୍ ହସିନା ଭାରତରୁ ଅନ୍ୟ କୌଣସି ଦେଶକୁ (ତୃତୀୟ ଦେଶ) ପଳାୟନ କରନ୍ତି ତେବେ ଭାରତ ଓ ବାଂଲାଦେଶ ମଧ୍ୟରେ ତାଙ୍କୁ ନେଇ ସୃଷ୍ଟି ହୋଇଥିବା ବିବାଦର ଆପାତତଃ ଅବସାନ ଘଟିବ। ପ୍ରସ୍ତାବିତ ତୃତୀୟ ଦେଶ ମଧ୍ୟରେ ୟୁଏଇ, ସାଉଦି ଆରବ, କାତାର ପ୍ରଭୃତି ଅନ୍ୟତମ। ଫିନଲ୍ୟାଣ୍ଡ ମଧ୍ୟ ହସିନାଙ୍କ ପାଇଁ ଏକ ସମ୍ଭାବ୍ୟ ଦେଶ ହୋଇପାରେ କାରଣ ତାଙ୍କର କିଛି ସମ୍ପର୍କୀୟ ମଧ୍ୟ ସେଠାରେ ବସବାସ କରୁଛନ୍ତି। କିନ୍ତୁ ଏଠାରେ ପ୍ରଶ୍ନ ଉଠୁଛି କି କୌଣସି ତୃତୀୟ ଦେଶ ହସିନାଙ୍କୁ ଆଶ୍ରୟ ଦେଇ ତାରିକ ରେହେମାନ ସରକାର ସାଙ୍ଗରେ ବିବାଦ ଆରମ୍ଭ କରିବାକୁ ଚାହିଁବେ କି ?

ଭାରତ ଦୃଷ୍ଟିରୁ ଦେଖିଲେ, ଏହା କେବେ ବି କୌଣସି ରାଜନୈତିକ ତଥା ସାମାଜିକ ଶରଣାର୍ଥୀଙ୍କୁ ପ୍ରତ୍ୟାର୍ପଣ କରିନାହିଁ। ଦୃଷ୍ଟାନ୍ତ ସ୍ୱରୂପ ଦଲାଇଲାମା। ୧୯୫୯ ମସିହାରୁ ସେ ଭାରତର ଶରଣାର୍ଥୀ। ଏ ଭିତରେ ତାଙ୍କୁ ପ୍ରତ୍ୟାର୍ପଣ କରିବା ପାଇଁ ଚୀନ ବାରମ୍ବାର ଦାବୀ କରି ଆସିଥିଲେ ମଧ୍ୟ ଭାରତ ଏହା ପ୍ରତି କର୍ଣ୍ଣପାତ କରିନାହିଁ। ବାଂଲାଦେଶ ଏହାର ନେତାମାନଙ୍କୁ ସବୁ ସମୟରେ ନିଷ୍ଠୁରତାର ସହ ହତ୍ୟା କରିଛି। ଉଦାହରଣ ସ୍ୱରୂପ ମୁଜିବୁର ରେହେମାନ, ଜିଆଉର ରେହେମାନ ଓ ତାଜୁଦ୍ଦିନ ଅହମ୍ମଦ ଇତ୍ୟାଦି। ଶେଷୋକ୍ତ ତାଜୁଦ୍ଦିନ ଅହମ୍ମଦଙ୍କ ହତ୍ୟା ଘଟଣାକୁ ନେଇ ଆମ ଓଡ଼ିଶାର କିମ୍ବଦନ୍ତୀ ସାହିତ୍ୟିକ ମନୋଜ ଦାସ ଗୋଟିଏ ଚମତ୍କାର ସ୍ତମ୍ଭ ଲେଖିଥିଲେ ୧୯୭୫ ମସିହାରେ। ପ୍ରକାଶଯୋଗ୍ୟ ଏହି ତାଜୁଦ୍ଦିନ ଥିଲେ ଭାରତରେ ବିପ୍ଳବୀ ବାଂଲାଦେଶ ସରକାରର ପ୍ରଧାନମନ୍ତ୍ରୀ, ମୁକ୍ତି ସଂଗ୍ରାମ ସମୟରେ।

ବଙ୍ଗବନ୍ଧୁଙ୍କର ହତ୍ୟା ପରେ ତାଙ୍କ ଘନିଷ୍ଠ ସହଯୋଗୀ ତାଜୁଦ୍ଦିନଙ୍କୁ ମଧ୍ୟ ହତ୍ୟା କରାଯାଇଥିଲା। ଦୀର୍ଘକାଳ ଧରି ତାଙ୍କୁ କାରାରୁଦ୍ଧ କରିସାରି ବନ୍ଧୁକର ବେୟୋନେଟ୍‌ରେ କ୍ଷତବିକ୍ଷତ କରିସାରିଲା ପରେ ସାତଥର ଗୁଳି ମାରି ହତ୍ୟା କରାଯାଇଥିଲା। ଏହାକୁ କେନ୍ଦ୍ର କରି ସ୍ୱର୍ଗତଃ ଶ୍ରୀ ଦାସ ଲେଖିଥିଲେ ଯେ, "ଯେଉଁମାନେ ତାଜୁଦ୍ଦିନଙ୍କୁ ହତ୍ୟା କଲେ, ସେମାନେ ସାଧାରଣ ମଣିଷ ତ ନୁହନ୍ତି, ସାଧାରଣ ହତ୍ୟାକାରୀ ବି ନୁହଁନ୍ତି, ସେମାନେ ହେଉଛନ୍ତି ଏକ ବିଶେଷ ଧରଣର ପିଶାଚ।" ତେଣୁ ପରିଶେଷରେ ଏତିକି କହି ସନ୍ଦର୍ଭଟିକୁ ଶେଷ କରିବି ଯେ, ଯଦି ବି ଭାରତ ବିଶ୍ୱାସପୂର୍ବକ ଏହାର ଚିରକାଳର ବନ୍ଧୁ ଶେଖ ହସିନାଙ୍କୁ ବାଂଲାଦେଶକୁ ପ୍ରତ୍ୟାର୍ପଣ କରେ, ତେବେ ହାସିନା ଯେ ଉପରୋକ୍ତ ପିଶାଚଙ୍କ ଜଘନ୍ୟତାର ଶିକାର ନ ହେବେ ଏକଥା କିଏ ବା କହିପାରିବ ?

# ମୁଁ ମୋବାଇଲ୍ କହୁଛି



**ଶ୍ରୀବସ୍ତ ନାୟକ**
ଅଧ୍ୟାପକ, ବାଣିଜ୍ୟ ବିଭାଗ,କଟକ
ମୋ:୯୪୩୮୦୭୦୮୪୯

ମୁଁ ହେଉଛି ଆଧୁନିକ ଯୁଗର ଏକ ପ୍ରମୁଖ ବୈଷୟିକ ଉଦ୍ଭାବନ । ଅତୀତର ଉଦ୍ଭାବନ,ବହୁଳ ଉପକରଣ ତୁଳନାରେ କାରଖାନାରେ ଧାତୁ, ତାର, ପ୍ଲାଷ୍ଟିକ ଓ କାଚ ଦ୍ୱାରା ନିର୍ମିତ ମୋର ଶରୀର ହାଲୁକା ଓ ଅତି କ୍ଷୁଦ୍ର । ନାଁ ଟି ମୋର ମୋବାଇଲ୍ । ସମଗ୍ର ମାନବ ଜାତିକୁ ନିରନ୍ତର ଓ ଅବିଶ୍ରାନ୍ତ ଭାବେ ସେବା ଯୋଗାଇଦେବା ପାଇଁ ମୋର ଜନ୍ମ । ମୋତେ ଉପଯୁକ୍ତ ଭାବେ ବ୍ୟବହାର କଲେ ମୁଁ ଆଶୀର୍ବାଦ ପାଲଟିଯାଏ କିନ୍ତୁ ମୋତେ ନକରାତ୍ମକ କାର୍ଯ୍ୟରେ ବ୍ୟବହାର କଲେ ମୁଁ ସମଗ୍ର ସମାଜ ପାଇଁ ଅଭିଶାପ ପାଲଟିଯାଏ। ଆଧୁନିକ ଯୁଗରେ ମୋତେ ମାନବ ଜୀବନର ଏକ ଅବିଭାଜ୍ୟ ଅଂଶ ବୋଲି ବିବେଚନା ମଧ୍ୟ କରାଯାଏ। ମୋର ଜନ୍ମ ପ୍ରକୃତରେ ବିଂଶ ଶତାବ୍ଦୀର ପ୍ରାରମ୍ଭରୁ ହୋଇଥିଲା । ଲୋକମାନଙ୍କର ଧାରଣା ଥିଲା ଏକ ଡିଭାଇସ୍ ତିଆରି କରିବା, ଯାହା ଫିକ୍ସଡ୍ ଲାଇନ୍ ଭିତ୍ତିଭୂମିର ଆବଶ୍ୟକତା ବିନା ବେତାର ଭାବରେ ସ୍ୱର ବିସ୍ତାର କରିପାରିବ। ଏହି ସ୍ୱପ୍ନ ପ୍ରଥମେ ସାମରିକ ଏବଂ ଜରୁରୀକାଳୀନ ସେବା ଦ୍ୱାରା ବ୍ୟବହୃତ ଦୁଇ-ମାର୍ଗ ରେଡିଓ ଆକାରରେ ସଫଳ ହୋଇଥିଲା । ମୋର ଜନ୍ମ ଏକ ବଡ଼ କାରଖାନାରେ। ବୈଜ୍ଞାନିକ ଓ ପ୍ରଯୁକ୍ତିବିଦ୍ମାନଙ୍କ ମେଧା, ଶ୍ରମ ଓ ଅନୁସନ୍ଧାନର ଫଳ ହେଉଛି ମୋର ଏହି ରୂପ। ଆରମ୍ଭରେ ମୁଁ ଏତେ ଉନ୍ନତ ନଥିଲି। ସେତେବେଳେ ମୋର କାମ କେବଳ କଥାବାର୍ତ୍ତା ପର୍ଯ୍ୟନ୍ତ ସୀମିତ ଥିଲା। କ୍ରମେ କ୍ରମେ ମୋ ଭିତରେ କ୍ୟାମେରା, ଇଣ୍ଟରନେଟ, ଆପ୍ସ, ସ୍ମୃତିଶକ୍ତି—ସବୁ କିଛି ଯୋଗ ହେଲା ଏବଂ ମୁଁ "ସ୍ମାର୍ଟଫୋନ" ହୋଇଉଠିଲି । ପ୍ରଥମେ ଆନାଲଗ ଯୁଗ (ପ୍ରଥମ ପିଢି ବା ୧ଜି), ତାପରେ ଡିଜିଟାଲ୍ ବିପ୍ଳବ(ଦ୍ୱିତୀୟ ପିଢି ବା ୨ଜି), ମଲ୍ଟିମିଡ଼ିଆ ଯୁଗ(ତୃତୀୟ ପିଢି ବା ୩ଜି),ସ୍ମାର୍ଟଫୋନ୍ ବିପ୍ଳବ (ଚତୁର୍ଥ ଜେନେରେସନ୍ ବା ୪ଜି) ଆଦିରେ ବିପ୍ଳବାତ୍ମକ ପରିବର୍ତ୍ତନ ଘଟି ଆଜି ପଞ୍ଚମ ପିଢି ବା ୫ଜି ଯୁଗରେ ମୁଁ ଅବସ୍ଥାପିତ ହୋଇଛି । ଲୋକ ମାନଙ୍କର ଅହେତୁକ ଚାହିଦା ଯୋଗୁଁ ମୋର ସେମାନଙ୍କ ପ୍ରତି ଦାୟିତ୍ୱ ମାତ୍ରାଧିକ ବୃଦ୍ଧି ପାଇଛି ।

ଦୂର ଦୂରାନ୍ତରେ ଥିବା ସମ୍ପର୍କୀୟମାନଙ୍କ ସହିତ ଯୋଗାଯୋଗର ମାଧ୍ୟମ ନିମନ୍ତେ ଯଦିଓ ମୋର ଉତ୍ପତ୍ତି ହୋଇଥିଲା କିନ୍ତୁ ଅଧୁନା ମୋର କାର୍ଯ୍ୟଶୈଳୀର ଅନେକ ପରିବର୍ତ୍ତନ ହୋଇଛି । ଆଜି ମୁଁ କେବଳ କଥାବାର୍ତ୍ତାର ଯନ୍ତ୍ର ନୁହେଁ । ନିରନ୍ତର ଭାବେ ସମଗ୍ର ମାନବ ସମାଜକୁ ବିଭିନ୍ନ ପ୍ରକାରର ସେବା ଯୋଗାଇ ତାଙ୍କର ଚିର ସହଚର ପାଲଟି ଯାଇଛି । ମୋ ବିନା ମଣିଷ ବଞ୍ଚିବା ମୁସ୍କିଲ୍ ହୋଇପଡିଛି। ସକାଳେ ମୁଁ ମଣିଷମାନଙ୍କୁ ଜଗାଏ, ରାତିରେ ଶୁଆଇ ଦିଏ । ମଣିଷର ଖୁସିର ସମୟରେ ମୁଁ ଗୀତ ଗାଏ, ଦୁଃଖରେ ମୁଁ ନିରବ ସାଥୀ ହୋଇ ରହେ । ମୋ ଭିତରେ ରହିଛି ହଜାର ହଜାର ସ୍ମୃତି, ଛବି, ଭିଡିଓ, ମା'ର ଡାକ, ବନ୍ଧୁଙ୍କ ହସ, ଆଉ ପ୍ରିୟଜନଙ୍କ ସନ୍ଦେଶ । ମୋ ଦ୍ୱାରା ଛାତ୍ରଛାତ୍ରୀମାନେ ପାଠପଢନ୍ତି, ଦେଶ ଦୁନିଆର ଖବର ଜାଣନ୍ତି, କୃଷକମାନେ ପାଣିପାଗର ଆଗୁଆ ସୂଚନା ପାଆନ୍ତି, ପ୍ରବାସୀମାନେ ନିଜ ଆତ୍ମୀୟସ୍ୱଜନମାନଙ୍କର ସ୍ୱର ଶୁଣିପାରନ୍ତି, ମନୋରଞ୍ଜନ କରନ୍ତି ଓ ବ୍ୟବସାୟୀମାନେ ବ୍ୟବସାୟ କରିଥାନ୍ତି । ଏକଦା ଏକ ସମୟ ଥିଲା, ଯେତେବେଳେ ମନୁଷ୍ୟ ପରସ୍ପର ସହ ମୁହଁ ଦେଖି କଥା ହେଉଥିଲା ଓ ହୃଦୟ ଖୋଲି ହସୁଥିଲା କିନ୍ତୁ ଆଜି ସେ ସମୟ ବଦଳିଯାଇଛି । ମୋ ଯୋଗୁଁ ମାଇଲ ମାଇଲ ଦୂରରେ ଥାଇ ମଧ୍ୟ ବନ୍ଧୁ, ବାନ୍ଧବ,ସମ୍ପର୍କୀୟ ଓ ଆତ୍ମୀୟସ୍ୱଜନମାନେ ନିଜର ବାର୍ତ୍ତାଳାପ କରିପାରୁଛନ୍ତି । ମୁଁ ଭଏସ୍ କଲ୍, ଟେକ୍ସଟ୍ ମେସେଜିଂ, ଭିଡିଓ କଲ୍ ଏବଂ ସୋସିଆଲ୍ ମିଡିଆ ସହିତ ବିଭିନ୍ନ ଚ୍ୟାନେଲ ମାଧ୍ୟମରେ ପରିବାର, ବନ୍ଧୁ ଏବଂ ସହକର୍ମୀଙ୍କ ସହ ସଂଯୁକ୍ତ ରହିବାରେ ସାହାଯ୍ୟ କରୁଅଛି । ମୁଁ ମଣିଷ ଜୀବନକୁ ସହଜ କରିଛି । ମୋ ଦ୍ୱାରା ଅନେକ ଅସମ୍ଭବ କାର୍ଯ୍ୟ ସମ୍ଭବ ହେଉଛି । ମୁଁ ଅନେକ ଦୂରତାକୁ ନିକଟତର କରିଛି । ମଣିଷର ହାତ ମୁଠାରେ ମୁଁ ଜ୍ଞାନକୁ ପହଞ୍ଚାଇଛି ପାରିଛି । ରାଜନୀତି ଠାରୁ ଆରମ୍ଭ କରି ମନୋରଞ୍ଜନ ପର୍ଯ୍ୟନ୍ତ ସବୁଥିରେ ମୁଁ ମାନବ ସେବାରେ ନିୟୋଜିତ । ବାଣିଜ୍ୟ କରିବା, ଅନଲାଇନ ସପିଂ, ଇଲର୍ଣ୍ଣିଙ୍ଗ, ହାଇବ୍ରିଡ୍ କାର୍ଯ୍ୟ ବ୍ୟବସ୍ଥାର ଧାରା, ମୋବାଇଲ ବ୍ୟାଙ୍କିଙ୍ଗ ସେବା, ଇଣ୍ଟରାକ୍ଟିଭ୍ ଲର୍ଣ୍ଣିଂ, ଭିଡିଓ ଷ୍ଟ୍ରିମିଂ, ମୋବାଇଲ ଗେମିଙ୍ଗ, ଡିଜିଟାଲ ମନୋରଞ୍ଜନ, ଟେଲିମେଡିସିନ୍, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆଲର୍ଟ ଓ ରିଅଲ୍ ଟାଇମ୍ ଅପଡେଟ୍ ସେବା ଯୋଗାଇ ଚାଲୁଅଛି ।

ଏତେ ସବୁ ସୁବିଧା ସୁଯୋଗ ମୁଁ ମାନବ ସମାଜକୁ ଯୋଗାଇ ଧନ୍ୟବାଦର ପାତ୍ର ହେବା ମୋ ପାଇଁ ଖୁସିର କଥା କିନ୍ତୁ କେତେକ ବ୍ୟକ୍ତି ମତେ ଖରାପ କାର୍ଯ୍ୟରେ ନିୟୋଜିତ କରୁଥିବା ଯୋଗୁଁ ମୁଁ କିଛି ବ୍ୟକ୍ତିଙ୍କ ପାଇଁ ନିନ୍ଦା ଅପବାଦର କଳଙ୍କ ମୁଣ୍ଡାଇ ଚାଲୁଛି । ଏଥିରେ ମୋର ଅବା ଦୋଷ କେଉଁଠି ରହିଲା ! ଯଦି ମୋତେ ଆପଣମାନେ ସଠିକ ଭାବେ ବ୍ୟବହାର ନକରନ୍ତି ତେବେ ମୁଁ ତୁମର ପିଲାଦିନ ଚୋରି କରିବି । ତୁମର ଯୌବନ ମଧ୍ୟ ଚୋରି କରିବି । ବୈବାହିକ ଜୀବନକୁ ନଷ୍ଟ କରିଦେବି । ଭବିଷ୍ୟତ ପିଢିଙ୍କୁ ନଷ୍ଟ କରିଦେବି । ମୁଁ ତୁମକୁ ଅଘୋଷିତ ମାନସିକ ରୋଗୀରେ ପରିଣତ କରିଦେବି । ସମାଜରେ ଥିବା ତୁମର ମର୍ଯ୍ୟାଦା ଓ ଆତ୍ମସମ୍ମାନକୁ କ୍ଷଣିକରେ ଚୂରମାର କରିଦେବି । ତେଣୁ ବନ୍ଧୁଗଣ ! ମତେ ବୁଦ୍ଧିମାନର ସହ ବ୍ୟବହାର କର । ମୋର ସୁବିଧା ଓ ଅସୁବିଧା ମଧ୍ୟ ଅଛି । ମୁଁ ତୁମକୁ ଖେଳିବା ପାଇଁ କିମ୍ବା ବ୍ୟାୟାମ କରିବାପାଇଁ ସମୟ ମଧ୍ୟ ଦେବି ନାହିଁ । ମୁଁ ତୁମର ଦକ୍ଷତାକୁ ଅଧା କରିଦେବି । ତୁମେ କାମ କମ୍ କରିବ ମତେ ଅଧିକା ଦେଖିବ । ମୁଁ ତୁମର ସେହି ଲୋକମାନଙ୍କଠାରୁ ଦୁରେଇ ଦେବି,ଯେଉଁମାନେ ତୁମର ଅତି ନିକଟତର ହୋଇଥିବେ । ତୁମେ ମୋ ପ୍ରତି ନିଶାଗ୍ରସ୍ତ ହେବା ସହିତ, ମୁଁ ତୁମ ଉପରେ ପ୍ରଭାବ ପକାଇବି । ତୁମେ ମୋ ବିନା ବଞ୍ଚି ପାରିବ ନାହିଁ । ପ୍ରଥମରେ ମୁଁ ତୁମର ଆଖି ନଷ୍ଟ କରିଦେବି । ତାପରେ ମୁଁ ତୁମର ନିଦ ଚୋରି କରିବି । ଧୀରେ ଧୀରେ ତୁମର ସ୍ୱାସ୍ଥ୍ୟ ନଷ୍ଟ କରିଦେବି । ମୁଁ ତୁମକୁ ସମ୍ପୂର୍ଣ୍ଣ ଅଳସୁଆ କରିଦେବି । ସମୟ ଆସିବ,ମୁଁ ସମସ୍ତଙ୍କ ପାଖରେ ଅବିଚ୍ଛେଦ୍ୟ ହୋଇଯିବି । ସମସ୍ତଙ୍କୁ ମିଛୁଆ କରିଦେବି । ପରିବାରର ବିଶ୍ୱାସ ଭାଙ୍ଗି ସେଠି ଅବିଶ୍ୱାସର ବୀଜ ରୋପଣ କରିବି । ମୁଁ ମୋ ପାୱାର ବଳରେ ସମସ୍ତଙ୍କ ସମ୍ପର୍କ ଭାଙ୍ଗି ଦେବି । ତୁମେମାନେ ମୋ ପ୍ରେମରେ ଏମିତି ପାଗଳ ହେବ ଯେ,

ପଢ଼ିବା ସମୟରେ, ଭୋଜନ ସମୟରେ, ପରିବାର ସହ ବସିଥିବା ସମୟରେ ମଧ୍ୟ ମୋତେ ଛାଡି ପାରିବ ନାହିଁ ।

ଏହା ମୋ ପାଇଁ ଚିନ୍ତାର ବିଷୟ ଯେ,ମୋ ଦ୍ୱାରା ଅନେକ ଲୋକଙ୍କର ମୂଲ୍ୟବାନ୍ ସମୟ ଅପଚୟ ହେଉଛି । ମୁଁ ମଣିଷକୁ ଯୋଡ଼ିବା ପାଇଁ ଥିଲି, କିନ୍ତୁ କେବେ କେବେ ମୁଁ ମଣିଷକୁ ମଣିଷ ଠାରୁ ଦୁରେଇ ଦେଉଛି ଯାହା ମତେ ଗଭୀର ଆଘାତ ଦେଉଛି । ଆଜି ମାଆ–ବାପା ସାମ୍ନାରେ ବସି ସନ୍ତାନ ମତେ ଦେଖୁଛି। ଗୁରୁ କଥା କହୁଛନ୍ତି, ଛାତ୍ର ମୋ ମାଧ୍ୟମରେ ନୋଟିଫିକେସନ୍ ଦେଖୁଛି। ମୋ ଯୋଗୁଁ ମଣିଷ ମନର ଦୂରତା ବଢୁଛି । ଏକ ସମୟ ଥିଲା, ଯେତେବେଳେ ସନ୍ଧ୍ୟା ଆସିଲେ ଗାଁର ଆକାଶ ତଳେ ଦୀପ ଜଳୁଥିଲା, ଚଉପାଳରେ ଜମୁଥିଲା କଥାର ମେଳା। ବୃଦ୍ଧମାନେ କହୁଥିଲେ ଜୀବନର କାହାଣୀ, ମାଆମାନେ ଗାଉଥିଲେ ଲୋରି, ପିଲାମାନେ ଶିଖୁଥିଲେ ସମ୍ପର୍କର ଅର୍ଥ। ସେତେବେଳେ ମୁଁ ନ ଥିଲି, କିନ୍ତୁ ସମୟ ଥିଲା । ଇଣ୍ଟରନେଟ ନଥିଲା, କିନ୍ତୁ ଆତ୍ମୀୟତା ଥିଲା। ବୃଦ୍ଧମାନେ ଜୀବନର ଅନୁଭବ କଥା କହୁଥିଲେ, ଶିଶୁମାନେ ହସୁଥିଲେ, ଯୁବକମାନେ ସ୍ୱପ୍ନ ଦେଖୁଥିଲେ। କିନ୍ତୁ ଆଜି ସେଇ ଚଉପାଳ ଖାଲି। ସମସ୍ତଙ୍କ ହାତରେ ମୁଁ ଅଛି । ସମସ୍ତେ ମୋର ପରଦାକୁ ଚାହିଁ ରହୁଛନ୍ତି କିନ୍ତୁ ହୃଦୟ ଖାଲି । ମୋ ମାଧ୍ୟମରେ ସନ୍ଦେଶ ହଜାର ହଜାର ଆସୁଛି, କିନ୍ତୁ ସମ୍ବେଦନା କମୁଛି । ମୋ ଯୋଗୁଁ ମାନବିକତାର ମୂଲ୍ୟବୋଧ ଆଜି ହଜି ଯାଇଛି। ମୁଁ ମଣିଷକୁ ଦ୍ରୁତ କରିଛି କିନ୍ତୁ ମଣିଷର ଧୈର୍ଯ୍ୟକୁ ତାର ଅଜାଣତରେ ଛଡ଼ାଇ ନେଇଛି । ମୁଁ ଅନେକ କଥା ମଣିଷକୁ ଜଣାଇଛି କିନ୍ତୁ ଅନୁଭବ କରିବାକୁ ଭୁଲାଇଦେଇଛି। ଆଜି ମୋ ମାଧ୍ୟମରେ ଲୋକମାନେ ସ୍ମୃତିକୁ ଫଟୋ କରୁଛନ୍ତି, ଭିଡିଓ କରୁଛନ୍ତି କିନ୍ତୁ ଅନୁଭବ କରୁନାହାନ୍ତି ।

ପ୍ରଶ୍ନ ହେଉଛି— ଆପଣମାନେ ସ୍ମୃତିକୁ ସଞ୍ଚୟ କରୁଛନ୍ତି ନା ସ୍କ୍ରିନ୍‌ରେ ବନ୍ଦୀ କରୁଛନ୍ତି ? ମନୁଷ୍ୟ ମନୁଷ୍ୟ ସହ ନୁହେଁ, ବରଂ ମୋ ପରଦା ସହ କଥା କହୁଛି। ଏହା କି ପ୍ରକାରର ଉନ୍ନତି ?

ଏଥିପାଇଁ ମୁଁ ଦୁଃଖୀତ ଓ ଅନୁତପ୍ତ ମଧ୍ୟ। ଏ ସବୁ ସତ୍ତ୍ୱେ ମଧ୍ୟ ମୁଁ ଗର୍ବିତ। କାରଣ ମୁଁ ମାନବ ସଭ୍ୟତାକୁ ଆଗକୁ ନେବାରେ ତାର ଚିର ସହଚର । ଯଦି ମୋତେ ସଠିକ୍ ଓ ସୀମିତ ଭାବରେ ବ୍ୟବହାର କରାଯାଏ, ତେବେ ମୁଁ ମାନବ ଜୀବନକୁ ଅଧିକ ସହଜ, ସୁନ୍ଦର ଓ ଉନ୍ନତ କରିପାରିବି।

ଯନ୍ତ୍ର ହୋଇ ମଧ୍ୟ ମାନବ ଜୀବନର ନିରବ ସାଥୀଟିଏ ହୋଇ ରହିବି। ମୁଁ ଚାହେଁ ମୋତେ ଜ୍ଞାନ, ଶିକ୍ଷା ଓ ସେବାର ଉପକରଣ ଭାବେ ବ୍ୟବହାର କରାଯାଉ, ଆସକ୍ତିର ଉପକରଣ ଭାବେ ନୁହେଁ। ମୋ ଉପରେ ଅତିନିର୍ଭରଶୀଳତା ଯାହା ମାନବ ଜୀବନକୁ ଅସନ୍ତୁଳିତ କରିଦିଏ। ଯେଉଁଠାରେ ମନୁଷ୍ୟର ବୁଦ୍ଧି ଓ ବିବେକ କାମ କରିବା ଉଚିତ, ସେଠାରେ ମୋତେ ସୀମିତ ରଖିବା ଆବଶ୍ୟକ। ସେହିପରି, ମୋର ଅନୁରୋଧ—ମୋତେ ଆବଶ୍ୟକତା ଅନୁସାରେ ବ୍ୟବହାର କର, ଆଦତ ଭାବେ ନୁହେଁ। ସମୟର ମୂଲ୍ୟ ବୁଝ, ପରିବାରକୁ ଗୁରୁତ୍ୱ ଦିଅ, ପୁସ୍ତକ ଓ ପ୍ରକୃତି ସହ ସମ୍ପର୍କ ରଖ। ତେବେ ମୁଁ ତୁମ ଜୀବନର ସତ୍ୟ ସାହାଯ୍ୟକାରୀ ହୋଇପାରିବି । ଯେତେବେଳେ ମୁଁ କାହାକୁ ସାହାଯ୍ୟ କରେ, ସେତେବେଳେ ମୋତେ ଖୁସି ଲାଗେ। ଯେତେବେଳେ ଜଣେ ମାଆ ମୋ ମାଧ୍ୟମରେ ଦୂରେ ଥିବା ପୁଅକୁ ଦେଖି ହସନ୍ତି, ଯେତେବେଳେ ଜଣେ ଛାତ୍ର ମୋ ଦ୍ୱାରା ନୂଆ କିଛି ଶିଖେ—ସେତେବେଳେ ମୁଁ ନିଜକୁ ସାର୍ଥକ ମନେ କରେ।

କିନ୍ତୁ ମୋ ଜୀବନରେ ଦୁଃଖ ମଧ୍ୟ ଅଛି। ଅନେକ ସମୟରେ ମଣିଷ ମୋତେ ଅତ୍ୟଧିକ ବ୍ୟବହାର କରୁଛନ୍ତି। ପଢ଼ିବା ସମୟରେ, ଭୋଜନ ସମୟରେ, ପରିବାର ସହ ବସିଥିବା ସମୟରେ ମଧ୍ୟ ମୋତେ ଛାଡୁନାହାନ୍ତି। ମୋ ଦ୍ୱାରା ସେମାନେ ନିଜ ଆଖାପାଖର ଜଗତକୁ ଭୁଲିଯାଉଛନ୍ତି । ମଣିଷ ମଣିଷ ସହ କଥା ହେବା ପରିବର୍ତ୍ତେ ପରଦା ସହ କଥା ହେଉଛନ୍ତି —ଏହା ମୋତେ ବେଦନା ଦିଏ। ଅନେକ ସମୟରେ ମୋ ଉପରେ ଆସକ୍ତି ମଣିଷର ସ୍ୱାସ୍ଥ୍ୟ, ସମୟ ଓ ସମ୍ପର୍କକୁ କ୍ଷତି ପହଞ୍ଚାଏ। ଏଥି ପାଇଁ ମୋତେ ଦୋଷ ଦିଆଯାଏ, କିନ୍ତୁ ମୁଁ ଚାହୁଁଛି କହିବାକୁ—ଦୋଷ ମୋର ନୁହେଁ, ଅସଂଯମିତ ବ୍ୟବହାରର । ମୁଁ ଚାହେଁ ମୋତେ ସଠିକ୍ ଭାବରେ ବ୍ୟବହାର କରାଯାଉ। ମୋତେ ଜ୍ଞାନ, ଶିକ୍ଷା ଓ ସେବାର ଉପକରଣ ଭାବେ ଦେଖାଯାଉ, ଆସକ୍ତିର ଉପକରଣ ଭାବେ ନୁହେଁ। ମୋତେ ଯେତେବେଳେ ଆବଶ୍ୟକ, ସେତେବେଳେ ବ୍ୟବହାର କରାଯାଉ; ଅନାବଶ୍ୟକ ସମୟରେ ମୋତେ ଦୁରେଇ ରଖାଯାଉ । ମୁଁ କହିବି, 'ଯନ୍ତ୍ର ମନୁଷ୍ୟଙ୍କ ସେବକ ହେବା ଉଚିତ, ମାଲିକ ନୁହେଁ'।

ସଂଯମ ଓ ସମୟବୋଧ ଥିଲେ ମୋବାଇଲ ଆଶୀର୍ବାଦ ହୋଇଥାଏ । ମୋର ଶକ୍ତି ବହୁତ, କିନ୍ତୁ ମୋର ମୂଲ୍ୟ ମଣିଷର ବିବେକ ଉପରେ ନିର୍ଭର କରେ। ଯଦି ମୋତେ ସଠିକ୍ ଭାବରେ ବ୍ୟବହାର କରାଯାଏ, ମୁଁ ମାନବ ଜୀବନକୁ ଅହୁରି, ସୁନ୍ଦର ଓ ଉନ୍ନତ କରିପାରିବି।

ହଁ ଆଜ୍ଞା ! ମୋବାଇଲ ଯନ୍ତ୍ର ମନୁଷ୍ୟର ସେବକ ହେବା ଉଚିତ, ମନୁଷ୍ୟ ତାହାର ଦାସ ନୁହେଁ ।

ଆସନ୍ତୁ ଶପଥ ନେବା ମୋବାଇଲକୁ ଜ୍ଞାନ, ସେବା ଓ ସମ୍ପର୍କ ଗଢ଼ିବାର ଉପକରଣ ଭାବେ ବ୍ୟବହାର କରିବା ଆମେ ପ୍ରଯୁକ୍ତିର ଦାସ ନୁହେଁ, ବରଂ ତାହାର ସଚେତନ ସ୍ରଷ୍ଟା ଓ ବ୍ୟବହାରକାରୀ ହେବା । ମୋବାଇଲକୁ ଆମେ ବ୍ୟବହାର କରିବା କିନ୍ତୁ ମୋବାଇଲ ଆମକୁ ନୁହଁ । ଯନ୍ତ୍ର ମନୁଷ୍ୟ ପାଇଁ,ମନୁଷ୍ୟ ଯନ୍ତ୍ର ପାଇଁ ନୁହେଁ। ସଂଯମ ନଥିଲେ ସର୍ବୋତ୍ତମ ଜିନିଷ ମଧ୍ୟ ବିଷ ହୋଇଯାଏ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ବିସିସିଆଇ ଉପରେ ଗୁରୁତର ଅଭିଯୋଗ ଆଣିଲେ ଶିବରାମକୃଷ୍ଣନ୍



**ମୁମ୍ବାଇ**

ବିସିସିଆଇ ଉପରେ ବର୍ଣ୍ଣବୈଷମ୍ୟତା ପରି ଗୁରୁତର ଅଭିଯୋଗ ଆଣିଛନ୍ତି ପୂର୍ବତନ ଖେଳାଳି ତଥା ଭାଷ୍ୟକାର ଲକ୍ଷ୍ମଣ ଶିବରାମକୃଷ୍ଣନ୍। ଜଣେ ଭାଷ୍ୟକାର ଭାବେ ଅବସର ଘୋଷଣା କରିବା ସହ ସେ ଅଭିଯୋଗ କରିଥିଲେ ଯେ ଗତ ୨୩ ବର୍ଷ ହେଲା ସେ ଜଣେ ଭାଷ୍ୟକାର ଭାବେ ସକ୍ରିୟ ଥିଲେ ବି ତାଙ୍କୁ କେବେ ବି ଟସ୍ ଓ ମ୍ୟାଚ୍ ପର ଉପସ୍ଥାପନା ଦାୟିତ୍ୱ ପ୍ରଦାନ କରାଯାଇନଥିଲା। ଏପରି ବୋଧହୁଏ ତାଙ୍କ ଶରୀରର ରଙ୍ଗ ପାଇଁ କରାଯାଇଥିଲା ବୋଲି ସେ ଅଭିଯୋଗ ଆଣିଛନ୍ତି। ଅବଶ୍ୟ ସେ ସିଧାସଳଖ ବିସିସିଆଇ ଉପରେ ବର୍ଣ୍ଣବୈଷମ୍ୟ ଅଭିଯୋଗ ଆଣିନାହାନ୍ତି, କିନ୍ତୁ ସୋସିଆଲ ମିଡିଆରେ ଜଣେ ବ୍ୟକ୍ତି ଏଥିପାଇଁ ତାଙ୍କ ଶରୀରର ରଙ୍ଗ ଏକ କାରଣ କି ବୋଲି ପଚାରିବା ପରେ ସେ ସେଥିରେ ସହମତ ହୋଇଥିଲେ।

ତେବେ ନିଜର ମୂଳ ବୟାନର ଦିନକ ପରେ ଅର୍ଥାତ ଶନିବାର ସେ ଆଉ ଏକ ବୟାନ ଜାରି କରି କହିଛନ୍ତି ଯେ ସେ ଜୟ ଶାହା କିମ୍ବା ତାଙ୍କ ଦଳ ପ୍ରତି କୌଣସି ଆକ୍ଷେପ କରିନାହାନ୍ତି। ବରଂ ବିସିସିଆଇର ଜଣେ କର୍ମଚାରୀଙ୍କୁ ସେ ଦାୟୀ କରିଛନ୍ତି। ସେ ପ୍ରଶ୍ନ କରିଛନ୍ତି ‘‘ଯଦି ନବାଗତମାନେ ଟସ୍ ଓ ମ୍ୟାଚ୍ ପରବର୍ତ୍ତୀ କାର୍ଯ୍ୟକ୍ରମର ଉପସ୍ଥାପନା କରିପାରୁଛନ୍ତି, ତାଙ୍କୁ ଗତ ୨୩ ବର୍ଷ ହେଲା କାହିଁକି ଏପରି ଦାୟିତ୍ୱ ଦିଆଯାଉନଥିଲା। ଏହା ପଛରେ କଣ କାରଣ ଥାଇପାରେ ?’’

# ଅଭିଷେକ ଶର୍ମାଙ୍କୁ ଚେତାବନୀ ଦେଲେ ଅନିଲ କୁମ୍ବଲେ

**ନୂଆଦିଲ୍ଲୀ**

ପୂର୍ବତନ ଭାରତୀୟ ଅଧିନାୟକ ଏବଂ ପ୍ରଶିକ୍ଷକ ଅନିଲ କୁମ୍ବଲେ ବିଶ୍ୱାସ କରନ୍ତି ଯେ ଯୁବ ଓପନର ଅଭିଷେକ ଶର୍ମାଙ୍କୁ ଧୂଆଁଧାର ବ୍ୟାଟିଂ ଏବଂ କ୍ରିଜରେ ରହିବା ମଧ୍ୟରେ ଭଲ ସନ୍ତୁଳନ ରଖିବା ଶିଖିବାକୁ ପଡ଼ିବ । ଏକ ଉଦାହରଣ ଦେଇ ସେ ଉଲ୍ଲେଖ କରିଛନ୍ତି ଯେ ବୀରେନ୍ଦ୍ର ସେହ୍ୱାଗ ଏହି ସନ୍ତୁଳନକୁ ସଠିକ୍ ଭାବରେ ବଜାୟ ରଖି ତାଙ୍କ କ୍ୟାରିୟରରେ ସଫଳତା ହାସଲ କରିଥିଲେ । ୨୫ ବର୍ଷୀୟ ଅଭିଷେକଙ୍କୁ ବର୍ତ୍ତମାନ ଶୀର୍ଷ କ୍ରମରେ ସବୁଠାରୁ ବିସ୍ଫୋରକ ବ୍ୟାଟସମ୍ୟାନଙ୍କ ମଧ୍ୟରୁ ଜଣେ ଭାବରେ ବିବେଚନା କରାଯାଏ। କିନ୍ତୁ ସେ ଆରମ୍ଭକୁ ଯଥେଷ୍ଟ ସ୍କୋରରେ ପରିଣତ କରିବାରେ ବିଫଳ ହୁଅନ୍ତି। ଏକ ଅଭାବ ଯାହା କ୍ରମଶଃ ତାଙ୍କର ଦୁର୍ବଳତା ପାଲଟିଯାଉଛି।

କୁମ୍ବଲେ କହିଥିଲେ ଯେ, ସେହ୍ୱାଗ ମଧ୍ୟ ପ୍ରାରମ୍ଭରେ ପ୍ରତ୍ୟେକ ବଲ୍‌ରେ ଏକ ବଡ଼ ସଟ୍ ଖେଳିବାକୁ ଚେଷ୍ଟା କରିଥିଲେ, କିନ୍ତୁ ସମୟ ସହିତ ସେ ତାଙ୍କ ଇନିଂସର ଗତିକୁ ଭଲ ଭାବରେ ନିୟନ୍ତ୍ରଣ କରିବା ଶିଖିଥିଲେ। ସେ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ସେହ୍ୱାଗ ୧୪୦–୧୫୦ ଷ୍ଟ୍ରାଇକ୍ ରେଟ୍ ବଜାୟ ରଖି ମଧ୍ୟ ଲମ୍ବା ଇନିଂସ ଖେଳିପାରିଥିଲେ।

କୁମ୍ବଲେଙ୍କ ମତରେ, ଅଭିଷେକଙ୍କୁ ବୁଝିବାକୁ ପଡ଼ିବ ଯେ କେବଳ ଶୀଘ୍ର ରନ କରିବା ଯଥେଷ୍ଟ ନୁହେଁ, ଅଧିକ ଟାଇମ୍ ଖେଳି ତାଙ୍କ ଇନିଂସକୁ ବିସ୍ତାର କରିବା ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ । ସେ ଉଲ୍ଲେଖ କରିଛନ୍ତି ଯେ ଯଦି ଅଭିଷେକ ୨୦ ବଲ୍ ଖେଳନ୍ତି, ତେବେ ସେ ସହଜରେ ୫୦ ରନ୍ ପାଖାପାଖି ପହଞ୍ଚିପାରିବେ, କିନ୍ତୁ ତାଙ୍କର ଲକ୍ଷ୍ୟ ସେହି ସୀମା ଅତିକ୍ରମ କରିବା ଉଚିତ। ସଞ୍ଜୁ ସାମସନଙ୍କ ଉଦାହରଣ ଦେଇ ସେ ସୂଚାଇଛନ୍ତି ଯେ ସାମସନ କେବଳ ୪୦ କିମ୍ବା ୫୦ ରନ୍ କରିବା ପରେ ଅଟକି ଯାଆନ୍ତି ନାହିଁ, ବରଂ ସେ ୮୦ କିମ୍ବା ୯୦ରନ୍ ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ତାଙ୍କ ଇନିଂସକୁ ଆଗକୁ ବଢ଼ାନ୍ତି, ଯାହା ଫଳରେ ତାଙ୍କର ଅବଦାନ ଆହୁରି ପ୍ରଭାବଶାଳୀ ହୁଏ।

କୁମ୍ବଲେ ବିଶ୍ୱାସ କରନ୍ତି ଯେ ଏହି ମାନସିକତା ଟି୨୦ କ୍ରିକେଟରେ ଆବଶ୍ୟକ ଏବଂ ନିକଟ ଭବିଷ୍ୟତରେ ଅଭିଷେକଙ୍କଠାରେ ପରିପକ୍ୱତାର ଏହି ସ୍ତର ପରିଲକ୍ଷିତ ହୋଇପାରେ। ଏହା ତାଙ୍କ ଫ୍ରାଞ୍ଚାଇଜ୍, ସନରାଇଜର୍ସ ହାଇଦ୍ରାବାଦ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରମାଣିତ ହେବ।

# ଏସିଆ କପ୍ ପରି ଆୟୋଜନ ହେବ ୟୁରୋ ନେସନ୍ସ କପ୍

**ଲଣ୍ଡନ**

ଏସୀୟ କ୍ରିକେଟ୍ ଦଳଗୁଡ଼ିକୁ ନେଇ ଆୟୋଜନ ହେଉଥିବା ଏସିଆ କପ୍ ପରି ୟୁରୋପରେ ମଧ୍ୟ ଏକ ସମାନ ପ୍ରକାରର ପ୍ରତିଯୋଗିତା ଆୟୋଜନ କରିବାକୁ ଯୋଜନା କରାଯାଉଛି। ଏହାକୁ କୁହାଯାଉଛି ‘ୟୁରୋ ନେସନ୍ସ କପ୍’ ଓ ଏହାର ପ୍ରଥମ ସଂସ୍କରଣ ୨୦୨୭ ଋତୁରେ ଆୟୋଜନ ହେବ। ଏଥିରେ ଇଂଲଣ୍ଡ, ସ୍କଟଲାଣ୍ଡ, ଆୟର୍ଲାଣ୍ଡ, ନେଦରଲାଣ୍ଡସ ଓ ଇଟାଲି ପ୍ରଭୃତି ୟୁରୋପୀୟ ଦଳ ଅଂଶଗ୍ରହଣ କରିବେ। ଉଭୟ ମହିଳା ଓ ପୁରୁଷ ବର୍ଗରେ ଏହି ପ୍ରତିଯୋଗିତା ଆୟୋଜନ ହେବ।

ଏସିଆ କପ୍ କ୍ରିକେଟ୍ ଓ ୟୁରୋକପ୍ ଫୁଟବଲ୍ ଢାଞ୍ଚାରେ ପରିକଳ୍ପନା କରାଯାଇଥିବା ଏହି ଅନ୍ତର୍ମହାଦେଶୀୟ ପ୍ରତିଯୋଗିତା ଆୟୋଜନ ପାଇଁ ଆୟର୍ଲାଣ୍ଡ କ୍ରିକେଟ୍ ବୋର୍ଡ ପକ୍ଷରୁ ଉଦ୍ୟମ କରାଯାଉଛି।



ବୋର୍ଡର ମୁଖ୍ୟ ବ୍ରାୟାନ ମାକ୍ନାଇସ୍ କହିଛନ୍ତି ଯେ ଏହି ପରିକଳ୍ପନା ଧୀରେ ଧୀରେ ସାକାର ହେବା ଆରମ୍ଭ କରିଛି ଓ ସବୁକିଛି ଠିକ୍ ଚାଲିଲେ ଆସନ୍ତା ୨୦୨୭ରୁ ଏହା ଆରମ୍ଭ ହୋଇପାରେ। ଏହାର ଫର୍ମାଟ୍ ଓ ଅନ୍ୟାନ୍ୟ ରୂପରେଖ ସମ୍ପର୍କରେ ପରବର୍ତ୍ତୀ ସମୟରେ ଚୂଡ଼ାନ୍ତ କରାଯିବ।

## ଆକାଶ ଚୋପ୍ରାଙ୍କ ଭବିଷ୍ୟବାଣୀ

# ବୈଭବ ନୁହେଁ, ଆଇପିଏଲ ୨୦୨୬ରେ ଧମାଲ କରିବେ ଅଭିଷେକ

**ନୂଆଦିଲ୍ଲୀ**

୨୦୨୬ ଇଣ୍ଡିଆନ ପ୍ରିମିୟର ଲିଗ ପାଇଁ କାଉଣ୍ଟଡାଉନ ଚାଲିଛି। ଲିଗର ୧୯ତମ ସିଜିନ ୨୮ ମାର୍ଚ୍ଚରେ ଆରମ୍ଭ ହେବାକୁ ଯାଉଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସନରାଇଜର୍ସ ହାଇଦ୍ରାବାଦକୁ ଭେଟିବ। ଏହି ମୁକାବିଲା ଚିନ୍ନାସ୍ୱାମୀ ଷ୍ଟାଡିୟମରେ ହେବ। ଏହି ମ୍ୟାଚ ପୂର୍ବରୁ ପୂର୍ବତନ ଭାରତୀୟ କ୍ରିକେଟର ଆକାଶ ଚୋପ୍ରା ଏକ ଆଶ୍ଚର୍ଯ୍ୟଜନକ ଭବିଷ୍ୟବାଣୀ କରିଛନ୍ତି।

୨୦୨୬ ଆଇପିଏଲରେ ଚମତ୍କାର ପ୍ରଦର୍ଶନ କରିବା ପାଇଁ ଆକାଶ ଚୋପ୍ରା ସନରାଇଜର୍ସ ହାଇଦ୍ରାବାଦ (ଏସଆରଏଚ) ଓପନର ଅଭିଷେକ ଶର୍ମାଙ୍କୁ ସମର୍ଥନ କରିଛନ୍ତି। ବର୍ତ୍ତମାନ ଟି୨୦ ଅନ୍ତର୍ଜାତୀୟ ର୍‍ୟାଙ୍କିଙ୍ଗରେ ନମ୍ବର ୱାନ ସ୍ଥାନରେ ଥିବା ଅଭିଷେକ ଶର୍ମା ଏପର୍ଯ୍ୟନ୍ତ ଆଠଟି ସିଜିନ ଖେଳିଛନ୍ତି କିନ୍ତୁ ଏପର୍ଯ୍ୟନ୍ତ ୫୦୦ ରନ ଅତିକ୍ରମ କରିନାହାଁନ୍ତି। ୨୦୨୪ ଆଇପିଏଲରେ ହାଇଦ୍ରାବାଦକୁ ଫାଇନାଲ ପର୍ଯ୍ୟନ୍ତ ନେଇଯିବାରେ ଅଭିଷେକ ଶର୍ମା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ; ସେ ୩୨.୨୭ ହାରାହାରି ଏବଂ ୨୦୪.୨୨ ଷ୍ଟ୍ରାଇକ ରେଟ ସହିତ ୪୮୪ ରନ କରିଥିଲେ।



୨୦୨୬ ଆଇପିଏଲ ପାଇଁ, ଆକାଶ ଚୋପ୍ରା ଅଭିଷେକ ଶର୍ମାଙ୍କ ଉପରେ ବାଜି ଲଗାଇଛନ୍ତି, ଯାହା ତାଙ୍କୁ ପ୍ରଭସିମରନ ସିଂହ, ପ୍ରିୟାଂଶ ଆର୍ଯ୍ୟ, ଆୟୁଷ ମହାତ୍ରେ, ବୈଭବ ସୂର୍ଯ୍ୟବଂଶୀ, ଅଭିଷେକ ପୋରେଲ, ନେହଲ ୱାଧେରା ଏବଂ ତିଲକ ବର୍ମାଙ୍କ ଭଳି ଖେଳାଳିଙ୍କୁ ପଛରେ ପକାଇବ ବୋଲି ପରାମର୍ଶ ଦେଇଛି। ଷ୍ଟାର ସ୍ପୋର୍ଟସରେ କଥାବାର୍ତ୍ତା କରି ଆକାଶ ଚୋପ୍ରା କହିଛନ୍ତି, ‘ତାଙ୍କର ପ୍ରଦର୍ଶନ ଏପର୍ଯ୍ୟନ୍ତ ପ୍ରକୃତରେ ଚମତ୍କାର ହୋଇନାହିଁ – ଯାହା ଦ୍ୱାରା ଆମେ ପ୍ରକୃତରେ ‘ଚମତ୍କାର ପ୍ରଦର୍ଶନ’ ବୋଲି କହୁଛୁ। ଏହା ତାଙ୍କର ବ୍ରେକଆଉଟ ସିଜିନ ହେବା ଉଚିତ।’

୨୦୨୬ ଟି୨୦ ବିଶ୍ୱକପରେ ଏକ ଦୁର୍ବଳ ପ୍ରଦର୍ଶନ ପରେ ଅଭିଷେକ ଶର୍ମା। ଏକ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲେ। ସେ ପ୍ରଥମ ତିନୋଟି ମ୍ୟାଚରେ ନିଜର ଖାତା ଖୋଲିପାରି ନଥିଲେ; ତଥାପି, ସେ ପରବର୍ତ୍ତୀ ସମୟରେ ଏକ ଶକ୍ତିଶାଳୀ ପୁନରୁତ୍ଥାନ କରିଥିଲେ। ସେ ଫାଇନାଲରେ ଅର୍ଦ୍ଧଶତକ ହାସଲ କରିଥିଲେ ଏବଂ ଭାରତର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଆକାଶ ଚୋପ୍ରା ବିଶ୍ୱାସ କରନ୍ତି ଯେ ୨୦୨୬ ଆଇପିଏଲରେ, ଯେଉଁ ଯୁବ ଖେଳାଳିମାନେ ପୂର୍ବରୁ ଅନ୍ତର୍ଜାତୀୟ କ୍ରିକେଟରେ ଅଭିଜ୍ଞତା ହାସଲ କରିଛନ୍ତି ସେମାନଙ୍କୁ ଆଗକୁ ବଢ଼ି ଉନ୍ନତ ପ୍ରଦର୍ଶନ ପ୍ରଦାନ କରିବାକୁ ପଡିବ। ଆକାଶ ଚୋପ୍ରା କହିଛନ୍ତି, ‘ଅଭିଷେକ ଶର୍ମା ଏବଂ ତିଲକ ବର୍ମାଙ୍କ ପରି ଅଭିଜ୍ଞ ଭାରତୀୟ ଖେଳାଳି ମଧ୍ୟ ଅଛନ୍ତି। ଧ୍ରୁବ ଜୁରେଲଙ୍କ ପରି ନାମ ମଧ୍ୟ ଅଛି, ତେଣୁ ଆପଣ ସେମାନଙ୍କଠାରୁ ବହୁତ ଅଧିକ ଆଶା କରନ୍ତି। ଆପଣ ସେମାନଙ୍କଠାରୁ ସ୍ଥିର ଭଲ ପ୍ରଦର୍ଶନ ଆଶା କରନ୍ତି। ଆପଣ ମଧ୍ୟ ଆଶା କରନ୍ତି ଯେ ସେମାନେ ଦ୍ରୁତ ଗତିରେ ରନ କରିବେ, କାରଣ ସେମାନେ ଅଭିଜ୍ଞ ଭାରତୀୟ ଖେଳାଳି। ପ୍ରକୃତରେ, ସେହି ତାଲିକାରେ ବିଶ୍ୱ ଚାମ୍ପିଅନ ମଧ୍ୟ ଅନ୍ତର୍ଭୁକ୍ତ। ତେଣୁ, ସେମାନଙ୍କ ପ୍ରତି ଆପଣଙ୍କର ଆଶା ଏବଂ ଚାହିଦା ଟିକିଏ ଭିନ୍ନ।’

# ଇରାନରେ କୁସ୍ତିଯୋଦ୍ଧାଙ୍କୁ ଫାଶୀ



**ରୋମ୍**

ଇରାନରେ ଜଣେ କୁସ୍ତିଯୋଦ୍ଧାଙ୍କ ସମେତ ମୋଟ ତିନିଜଣଙ୍କୁ ସର୍ବସମ୍ମୁଖରେ ଫାଶୀ ଦିଆଯାଇଛି। ଏହି ୧୯ ବର୍ଷୀୟ କୁସ୍ତିଯୋଦ୍ଧା ହେଉଛନ୍ତି ସାଲେ ମୋହମ୍ମଦୀ। ଗତ ଜାନୁଆରି ମାସରେ ହୋଇଥିବା ସରକାରୀ ବିରୋଧୀ ଆନ୍ଦୋଳନ ସମୟରେ ସେ ଓ ଆଉ ଦୁଇଜଣ ବିକ୍ଷୋଭକାରୀ ଦୁଇଜଣ ପୁଲିସ କର୍ମୀଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା।

ଜାନୁଆରି ୮ରେ ହୋଇଥିବା ସରକାର ବିରୋଧୀ ପ୍ରତିବାଦରେ ମୋହମ୍ମଦୀଙ୍କ ସମେତ ଆହୁରି ଅନେକ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ। ଏହି ବିକ୍ଷୋଭକୁ ଦମନ କରିବାକୁ ଯାଇ ପୁଲିସ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲା ଯେଉଁଥିରେ ଅନେକ ଆହତ ହୋଇଥିଲେ। ଜଣେ ଯୁବ କୁସ୍ତିଯୋଦ୍ଧାଙ୍କୁ ମୃତ୍ୟୁଦଣ୍ଡ ଦିଆଯିବାକୁ ଇରାନର ଅନେକ ପୂର୍ବତନ ଖେଳାଳି ନିନ୍ଦା କରିଛନ୍ତି।

ଇରାନର ପୂର୍ବତନ ୱାଟର ପୋଲୋ ଖେଳାଳି ରେଜା ସୁଲୋମାନୀ ଏହି ଘଟଣାକୁ ନିନ୍ଦା କରି କହିଛନ୍ତି ଯେ ଇରାନରେ ତାଙ୍କ ପରି ଅନେକ କ୍ରୀଡ଼ାବିତ୍‌ଙ୍କ ଉପରେ ଅତ୍ୟାଚାର ହେଉଛି। ଅନ୍ୟପକ୍ଷରେ ଏହି ଘଟଣାକୁ ଇରାନର ମାନବ ଅଧିକାରୀ କର୍ମୀମାନେ ନିନ୍ଦା କରିବା ସହ ଅନ୍ତର୍ଜାତୀୟ ଅଲମ୍ପିକ୍ସ କମିଟି ଓ ମିଳିତ ବିଶ୍ୱ କୁସ୍ତି ସଂଘ ଏଥିରେ ହସ୍ତକ୍ଷେପ କରିବା ସହ ଇରାନକୁ ଅଲମ୍ପିକ୍ସ ଓ ଅନ୍ୟ କ୍ରୀଡ଼ାରୁ ନିଲମ୍ବିତ କରିବାକୁ ଦାବି କରିଛନ୍ତି।

# ଗଞ୍ଜାମ ଜିଲ୍ଲା ମହିଳା ଓ ପୁରୁଷ ବକ୍ସିଂ ଚୟନ

**ବହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଜିଡିଏ ଆନୁକୂଲ୍ୟରେ ମହାତ୍ମାଗାନ୍ଧୀ ଷ୍ଟାଡିୟମ୍ ବକ୍ସିଂ ଏରିନାରେ ଗଞ୍ଜାମ ଜିଲ୍ଲା ବକ୍ସିଂ ଦଳ ଗଠିତ ହୋଇଛି । ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ଏବଂ ୧୯ ବର୍ଷରୁ କମ୍ ମହିଳା ଓ ପୁରୁଷ ଦଳ ଚୟନରେ ବିଭିନ୍ନ ବିଭାଗର ମହିଳା ୨୦ଟି ଏବଂ ପୁରୁଷ ୬୨ଟି ମୋଟ ୮୨ଜଣ ଭାଗ ନେଇଥିଲେ। ସେଥିମଧ୍ୟରୁ ୧୨ ଜଣ ମହିଳା ଓ ୨୩ ଜଣ ବାଳକ ମୋଟ ୩୫ ଜଣ ବକ୍ସରଙ୍କୁ ଚୟନ କରାଯାଇଛି । ଅନ୍ତର୍ଜାତୀୟ ବକ୍ସିଂ ରେଫରୀ/ଜଜ୍ ତଥା ସ୍ଥାନୀୟ ପ୍ରଶିକ୍ଷକ ଶିଶିର କୁମାର ପାଣିଗ୍ରାହୀ, ଗଞ୍ଜାମ ଜିଲ୍ଲା ବକ୍ସିଂ ସମ୍ପାଦକ କେ. ପ୍ରଭାକର ରାଓ ଓ ରାଜ୍ୟ ବକ୍ସିଂ ରେଫରୀ ଜଜ୍ ତଥା କୋଚ୍ ଶିବରାମ ପାତ୍ରଙ୍କ ତତ୍ତ୍ୱାବଧାନରେ ଅବସର ପ୍ରାପ୍ତ ଡିଏସଓ ଅକ୍ଷୟ ପଟ୍ଟନାୟକ, ମହାତ୍ମା ଗାନ୍ଧୀ ଷ୍ଟାଡିୟମ୍ ଇନ୍‌ଚାର୍ଜ ପ୍ରଶାନ୍ତ କୁମାର ପାଣିଗ୍ରାହୀ (କାକୁ ସାର), ଷ୍ଟାଡିୟମ୍ ହଷ୍ଟେଲ ଇନଚାର୍ଜ ସଞ୍ଜୀବ କୁମାର ସାହୁ, ବାସ୍କେଟ ବଲ୍ କୋଚ୍ କାଜଲ ସାହୁ, ଭାରୋତ୍ତୋଳନ କୋଚ୍ ସୀତା ଜେନା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବକ୍ସିଂ ରେଫରୀ ତଥା ଜଜ୍ ବୁଲୁ ପାତ୍ର, ବାବୁ ରାଉତ, ସୁମନ ଦାସ, ଅବିନାଶ ନାୟକ, ସୁନା ଗୌଡ଼, ଅଜିତ୍ ମୁଖୀ, ବିପିନ ଗୌଡ଼, ସଞ୍ଜୟ ସେଠୀ, ୫. ସାଇ ପ୍ରତାପ, ପ୍ରବୀଣ ସେଠୀ, ସଂଗ୍ରାମ ସାମଲ, ଶ୍ୟାମା ମୁଖୀ, ୫. ସାଇ କିରନ୍ ତଥା ଗଞ୍ଜାମ ଜିଲ୍ଲାର ବହୁ ସିନିୟର ବକ୍ସର ଏବଂ ଷ୍ଟାଡିୟମ୍‌ର ସମସ୍ତ କର୍ମକର୍ତ୍ତା ଏଥିରେ ରହି ଶିବିରକୁ ସହଯୋଗ କରିଥିଲେ ବୋଲି କେ. ପ୍ରଭାକର ରାଓ ଜଣାଇଛନ୍ତି ।

# ‘ବିକାଶ ଓ ଭାରତୀୟ ଜ୍ଞାନପ୍ରଣାଳୀ ଉପରେ ପୁନର୍ବିଚାର (ଆଇକେଏସ): ଏକ ସମାଜ ଶାସ୍ତ୍ରୀୟ ପ୍ରତିଫଳନ’ ଶୀର୍ଷକ ଅନ୍ତର୍ଜାତୀୟ ସମ୍ମିଳନୀ

## ମତ ରଖିଲେ ପିଆଇବି ଏବଂ ସିବିସି ଏଡିଜି ଅଖିଳ କୁମାର ମିଶ୍ର

**ଭୁବନେଶ୍ୱର, ପିଆଇବି**

ଉତ୍କଳ ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗ ସ୍ୱର୍ଣ୍ଣ ଜୟନ୍ତୀ ସମାରୋହ ଉପଲକ୍ଷେ ‘‘ବିକାଶ ଓ ଭାରତୀୟ ଜ୍ଞାନପ୍ରଣାଳୀ ଉପରେ ପୁନର୍ବିଚାର: ଏକ ସମାଜ ଶାସ୍ତ୍ରୀୟ ପ୍ରତିଫଳନ’’ ଶୀର୍ଷକ ଅର୍ନ୍ତଜାତୀୟ ସମ୍ମିଳନୀର ଦ୍ୱିତୀୟ ଦିନରେ ପ୍ରଥମ ପ୍ଲେନାରୀ ଅଧିବେଶନ ‘ବିକାଶ, ସ୍ଥାନ ପରିବର୍ତ୍ତନ ଏବଂ ପ୍ରତିଯୋଗିତା’ ଉପରେ ଥିଲା । ପ୍ୟାନେଲ ସଦସ୍ୟ ଥିବା ପି.ଆଇ.ବି. ଏବଂ ସି.ବି.ସି.ର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଏକବିଂଶ ଶତାବ୍ଦୀରେ ଗଣମାଧ୍ୟମ ଏବଂ ବିକାଶର ଭୂମିକା ଉପରେ ଆଲୋକପାତ କରିଥିଲେ ।




ଏହାର ଅଧ୍ୟକ୍ଷତା କରିଥିଲେ ଉତ୍କଳ ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗର ପୂର୍ବତନ ପ୍ରଫେସର ବାଲଗୋବିନ୍ଦ ବାବୁ। ଡ. ବୀରେନ୍ଦ୍ର ସୁନା ଓଡ଼ିଶାରେ ସ୍ୱଦେଶୀ ନୈତିକତା, ସାମୂହିକ ଲକ୍ଷ୍ୟ ଏବଂ ତୃଣମୂଳ ଶାସନ ବିଷୟ ଉପରେ ଆଲୋକପାତ କରିଥିଲେ। ଡକ୍ଟର ସୀମା ମଲ୍ଲିକ, ଡକ୍ଟର ସ୍ୱପ୍ନାପ୍ରଭୁ, ଡକ୍ଟର ଧୀରଜ କୁମାର, ଡକ୍ଟର ସୁଭାସିସ ସାହୁ ଏବଂ ଡକ୍ଟର ଧନଞ୍ଜୟ କୁମାର ଭାରତରେ ସ୍ୱଦେଶୀ ଜ୍ଞାନର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ।

ଦ୍ୱିତୀୟ ପ୍ଲେନାରୀ ଅଧିବେଶନ ‘ପରିବେଶ, ପରିବେଶ ବିଜ୍ଞାନ ଏବଂ ଭାରତୀୟ ଜ୍ଞାନ ପ୍ରଣାଳୀ’ ଉପରେ ଥିଲା। ଏହାର ଅଧ୍ୟକ୍ଷତା କରିଥିଲେ ଆଇଆଇଟି କାନପୁରର ପୂର୍ବତନ ପ୍ରଫେସର ବିନୟ ପଟ୍ଟନାୟକ ଏବଂ ଏଥିରେ ଛଅ ଜଣ ପ୍ୟାନେଲିସ୍ଟ ସାମିଲ ଥିଲେ। ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ପ୍ରଫେସର ନାଗରାଜୁ ଗୁଣ୍ଡିମେଡା, ଶ୍ରୀଲଙ୍କା ବିଶ୍ୱବିଦ୍ୟାଳୟର ସାମାଜିକ ବିଜ୍ଞାନ ବିଭାଗର ଡକ୍ଟର ଉପୁଲ ଲେକାମଗେ, ଆମେରିକାର ୱାର୍ଲ୍ଡ ଏକାଡେମୀ ଅଫ୍ ଆର୍ଟସ ଆଣ୍ଡ ସାଇନ୍ସର ପ୍ରଫେସର ଥୋମାସ୍ ରୟଟର, ଆମେରିକାର ସାନ୍ତାକ୍ରୁଜ ସ୍ଥିତ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଅନ୍ନପୂର୍ଣ୍ଣା ପାଣ୍ଡେ ଏବଂ ଦକ୍ଷିଣ ଆଫ୍ରିକାର କ୍ୱାଜୁଲୁ–ନାଟାଲ ବିଶ୍ୱବିଦ୍ୟାଳୟର ଜୟନାଥନ ଗୋଭେଣ୍ଡର ପ୍ରମୁଖ ଭର୍ଚୁଆଲ ମାଧ୍ୟମରେ ଏହି ପୂର୍ଣ୍ଣାଙ୍ଗ ଆଲୋଚନାରେ ଯୋଗ ଦେଇଥିଲେ।

‘ସହରାଞ୍ଚଳ ବିକାଶ, ପରିବର୍ତ୍ତନ ଏବଂ ସ୍ଥିରତା’ ବିଷୟବସ୍ତୁ ଉପରେ ଏକ ବୈଷୟିକ ଅଧିବେଶନ ମଧ୍ୟ ଆୟୋଜିତ ହୋଇଥିଲା

ପ୍ଲେନାରୀ ଅଧିବେଶନରେ ଦୁଇଦିନିଆ ସମ୍ମିଳନୀରେ ସାମୂହିକ ଭାବେ ୩୦ ଜଣ ପ୍ୟାନେଲ ସଦସ୍ୟ ଅଂଶଗ୍ରହଣ କରିଥିଲେ, ଯେତେବେଳେ କି ବୈଷୟିକ ଅଧିବେଶନରେ ୯୫ରୁ ଅଧିକ କାଗଜ ଉପସ୍ଥାପନ କରାଯାଇଥିଲା, ଯାହା ସମ୍ମିଳନୀର ବ୍ୟାପକ ଏକାଡେମିକ୍ ଯୋଗଦାନ ଏବଂ ଆନ୍ତଃବିଷୟକ ପ୍ରକୃତିକୁ ପ୍ରତିଫଳିତ କରୁଥିଲା।

ସମ୍ମିଳନୀର ଦ୍ୱିତୀୟ ଦିନରେ ଆୟୋଜିତ ଏହି ଉଦଯାପନୀ ସମାରୋହର ଆରମ୍ଭ ମିଜୋରାମ ପାର୍ବତ୍ୟାଞ୍ଚଳ ବିଶ୍ୱବିଦ୍ୟାଳୟର ସମ୍ମାନନୀୟ ଅତିଥି ପ୍ରଫେସର ଆର. କେ. ମହାନ୍ତିଙ୍କ ବକ୍ତବ୍ୟ ସହିତ ହୋଇଥିଲା, ଯିଏ ପଖାଳର ଉଦାହରଣ ମାଧ୍ୟମରେ ସ୍ୱତନ୍ତ୍ରତା, ପରିଚୟ ଏବଂ ପ୍ରତୀକବାଦ ଉପରେ ବକ୍ତବ୍ୟ ରଖିଥିଲେ। ଭୋପାଳର ପ୍ରଫେସର ଏସ୍. ଏନ୍. ଚୌଧୁରୀ ବରକତୁଲ୍ଲା ବିଶ୍ୱବିଦ୍ୟାଳୟର ସମ୍ମାନିତ ଅତିଥି ସ୍ୱଦେଶୀ ପରିଚୟର ବିକାଶ ପଥ ସହିତ ସମ୍ପର୍କ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ ପ୍ରଫେସର ବିନୟ କୁମାର ପଟ୍ଟନାୟକ।

ମୁଖ୍ୟ ଅତିଥି ଭାବେ ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟର ପ୍ରଫେସର ବିଭୂତି ଭୂଷଣ ମହାନ୍ତି ଭାରତର ବିକାଶ ସମ୍ବନ୍ଧୀୟ ଚିନ୍ତାଧାରା ଏବଂ ଭାରତୀୟ ଜ୍ଞାନ ବ୍ୟବସ୍ଥାର ପୁନରୁଦ୍ଧାର ପାଇଁ ପ୍ରୟାସ ଉପରେ ବକ୍ତବ୍ୟ ରଖିଥିଲେ।

ଛାତ୍ରଛାତ୍ରୀଙ୍କ ସୃଜନଶୀଳ ରଚନା, କବିତା ଏବଂ କଳାକୃତି ସମ୍ବଳିତ ବାର୍ଷିକ ବିଭାଗୀୟ ପତ୍ରିକା ‘ଲୁକିଙ୍ଗ ଗ୍ଲାସ୍ ସେଲ୍ଫ’ ମଧ୍ୟ ଉନ୍ମୋଚନ କରାଯାଇଥିଲା। ପ୍ରତିଷ୍ଠାତା ସମ୍ପାଦକ, ପ୍ରଫେସର ରବୀନ୍ଦ୍ର ଗରଡା ଏବଂ ସମ୍ପାଦକ ଡ. ଦୀନବନ୍ଧୁ ସାହୁ ସମାଜବିଜ୍ଞାନ ବିଦ୍ୟାର୍ଥୀଙ୍କ ପାଇଁ ସୃଜନଶୀଳ ଚିନ୍ତାଧାରାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବିଭାଗୀୟ ପ୍ରତିଯୋଗିତାର ପୁରସ୍କାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ସୁଶ୍ରୀ ଅନ୍ୱେଷା ପାଣିଗ୍ରହୀଙ୍କ ଦ୍ୱାରା ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ସିପିଏଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ : କପିଳେଶ୍ୱର ଷ୍ଟ୍ରାଇକର୍ସ ଡୁବୁରୀ ଚାମ୍ପିଅନ

**ବ୍ୟାସନଗର, ନ୍ୟୁଜ୍‌ବ୍ୟୁରୋ**

ଚୋରଦା ମହାବୀର କ୍ଲବ ଆନୁକୂଲ୍ୟରେ ବ୍ୟାସନଗର ଚୋରଦା ସ୍ଥିତ କାଳୀମେଳଣ ପଡ଼ିଆରେ ୩ ଦିନଧରି ରାତ୍ରି କାଳୀନ ଷଷ୍ଠ ଚୋରଦା ପ୍ରିମିୟର ଲିଗ (ସିପିଏଲ) କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟକୁ ଚୋରଦା ଗ୍ରାମ କମିଟିର ସଭାପତି ତଥା ବିଶିଷ୍ଟ ଶ୍ରମିକ ନେତା ବିଦ୍ୟାଧର ମହାନ୍ତି ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରଶାନ୍ତି ଚ୍ୟାଲେଞ୍ଜର୍ସ ବ୍ୟାସନଗର ଓ କପିଳେଶ୍ୱର ଷ୍ଟ୍ରାଇକର୍ସ ଡୁବୁରୀ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯାଜପୁର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ଫାଇନାଲ ମ୍ୟାଚ୍‌କୁ ଉଦ୍‌ଘାଟନ କରି ଖେଳାଳିମାନଙ୍କୁ ସ୍ୱାଗତ କରିଥିଲେ। ସମ୍ମାନିତ ଅତିଥିଭାବେ ପୌରାଧକ୍ଷ ସୁବାଷ ଚନ୍ଦ୍ର ବଳ, କାଉନସିଲର ସିଦ୍ଧାର୍ଥ ଶଙ୍କର ସାମଲ, ଗ୍ରାମ କମିଟି ସମ୍ପାଦକ ତଥା ଶିଳ୍ପପତି ରବିନାରାୟଣ ପୁହାଣ, ସିଏମସି ଇନଫ୍ରାଟେକ ନିର୍ଦ୍ଦେଶକ ଅନିରୁଦ୍ଧ ମହାନ୍ତି, ବ୍ୟାସନଗର ଟ୍ରକ୍ ମାଲିକ ସଂଘ ସଭାପତି କିଶୋର କୁମାର ରାଉତ, ଗ୍ରାମ କମିଟି ବରିଷ୍ଠ ସଦସ୍ୟ ଗଦାଧର ମହାନ୍ତି, ଶରତ ଚନ୍ଦ୍ର ମହାନ୍ତି, ପବିତ୍ର ରଞ୍ଜନ ମହାନ୍ତି, ଅମୂଲ୍ୟ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଫାଇନାଲ ମ୍ୟାଚ୍‌ରେ ପ୍ରଶାନ୍ତି ଚ୍ୟାଲେଞ୍ଜର୍ସକୁ ହରାଇ କପିଳେଶ୍ୱର ଷ୍ଟ୍ରାଇକର୍ସ ଡୁବୁରୀ ଚାମ୍ପିଅନ ହୋଇଥିଲା। ଟସ୍ ଜିତି ପ୍ରଶାନ୍ତି ଚ୍ୟାଲେଞ୍ଜର୍ସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮ ୱିକେଟ ହରାଇ ୧୪୪ ରନ ସଂଗ୍ରହ କରିଥିଲା। ଏହାର ଜବାବରେ କପିଳେଶ୍ୱର ଷ୍ଟ୍ରାଇକର୍ସ ବ୍ୟାଟିଂ କରି ୧୦ ଓଭରରେ ସମାନ ରନ କରି ମ୍ୟାଚ ଟାଇ ହୋଇଥିଲା। ପରେ ସୁପର ଓଭରରେ ବ୍ୟାଟିଂ କରି କପିଳେଶ୍ୱର ୬ ବଲରେ ୧୯ ରନ କରିଥିଲା। ଜବାବରେ ପ୍ରଶାନ୍ତି ଚ୍ୟାଲେଞ୍ଜର୍ସ ମାତ୍ର ୧ ରନ କରି ପରାଜୟ ବରଣ କରି ରନର୍ସଅପ୍ ହୋଇଥିଲା।

# ପ୍ରତାପ ଜେନାଙ୍କ ଘର ଉପରେ ଆକ୍ରମଣକୁ ବିଜେଡ଼ିର ନିନ୍ଦା

**କଟକ, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟସଭା ନିର୍ବାଚନ ପରେ ବିଜେଡି ଭିତରେ ଥିବା ବିବାଦ ଏବେ ରାସ୍ତାକୁ ଓହ୍ଲାଇଛି । ଗୋଟିଏ ପଟେ ଦଳରୁ ବହିଷ୍କାର ରାଜନୀତି ଚାଲିଥିବା ବେଳେ ଅନ୍ୟପଟେ ନେତାଙ୍କ ବାସଭବନ ଆଗରେ ବାଣ ଫୁଟା ଓ ହଙ୍ଗାମା ଯାହା କି ରାଜ୍ୟ ରାଜନୀତିକୁ ବେଶ ସରଗରମ କରିଛି । ବିଜେଡି ଉପସଭାପତି ପ୍ରତାପ ଜେନାଙ୍କ ବାସଭବନ ସମ୍ମୁଖରେ ହୋଇ ଥିବା ଅପ୍ରୀତିକର ପରିସ୍ଥିତିକୁ ସେ ସଶସ୍ତ୍ର ଆତଙ୍କ ବୋଲି ଅଭିଯୋଗ କରିଥିବା ବେଳେ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଏହି ଘଟଣାକୁ ନିନ୍ଦା କରିଛନ୍ତି । ରାଜଧାନୀ ଭୁବନେଶ୍ୱରର ହାଇ-ପ୍ରୋଫାଇଲ୍ ଅଞ୍ଚଳରେ ଥିବା ବିଜେଡି ଉପସଭାପତି ପ୍ରତାପ ଜେନାଙ୍କ ସରକାରୀ ବାସଭବନ ଆଗରେ ଗତକାଲି ବିଳମ୍ବିତ ରାତିରେ ହାଇଡ୍ରାମା ଦେଖିବାକୁ ମିଳିଥିଲା । ବାଙ୍କୀର ୧୦ ଜଣ ଛାତ୍ର ଓ ଯୁବ ନେତାଙ୍କୁ ଦଳରୁ ବହିଷ୍କାର କରାଯିବା ପ୍ରତିବାଦରେ କିଛି ଯୁବକ ସେଠାରେ ବାଣ ଫୁଟାଇ ଅଭିନବ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ତେବେ ପରିସ୍ଥିତି ସେତେବେଳେ ଉତ୍ତେଜନାପୂର୍ଣ୍ଣ ହୋଇଥିଲା, ଯେତେବେଳେ ପ୍ରତାପଙ୍କ କର୍ମଚାରୀ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ଠେଲାପେଲା ଓ ବଚସା ହୋଇଥିଲା । ଏହି ଘଟଣାକୁ ନେଇ ପ୍ରତାପ ଜେନା ସୋସିଆଲ ମିଡିଆରେ ଏକ ସାଂଘାତିକ ଅଭିଯୋଗ ଆଣିଛନ୍ତି । ସେ କହିଛନ୍ତି ଯେ, ପ୍ରାୟ ୧୫ ରୁ ୨୦ ଜଣ ମଦ୍ୟପ ଦୁର୍ବୃତ୍ତ ତାଙ୍କ ଘରେ ପଶି ସୁରକ୍ଷା କର୍ମୀଙ୍କ ମୁଣ୍ଡରେ ବନ୍ଧୁକ ରଖିଥିଲେ ଏବଂ ପରିବାର ସଦସ୍ୟଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିଲେ । ଟଙ୍କା ନେଇ ରାଜ୍ୟସଭାରେ ବିଶ୍ୱାସଘାତ କରିଥିବା ବିଧାୟକଙ୍କ ନିର୍ଦ୍ଦେଶରେ ଏହି ସଶସ୍ତ୍ର ଆକ୍ରମଣ ହୋଇଥିବା ପ୍ରତାପ ଅଭିଯୋଗ କରିଛନ୍ତି । ସେହିପରି ପ୍ରତାପ ଜେନାଙ୍କ ଏହି ଅଭିଯୋଗ ପରେ ପାଲଟା ଜବାବ ରଖିଛନ୍ତି ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ । ଦେବୀ କହିଛନ୍ତି ଯେ, ବ୍ୟକ୍ତିଗତ ଆକ୍ରମଣ ନିନ୍ଦନୀୟ ଏବଂ ରାଜନୈତିକ ପ୍ରତିବାଦ ଏପରି ହୁଏ ନାହିଁ । ମାତ୍ର ବିଜେଡି ଏବେ ନିଜ ନୀତି ଆଦର୍ଶରୁ ବିଚ୍ୟୁତ ହେଲାଣି । ବିଶେଷ କରି ପାଣ୍ଡିଆନଙ୍କ ପ୍ରଭାବକୁ ନେଇ ସେ ବଡ଼ ପ୍ରଶ୍ନ ଉଠାଇଛନ୍ତି । ଏହାସହ ବିଧାୟକଙ୍କୁ ଦଳ ପକ୍ଷରୁ ଦିଆଯାଇଥିବା ନୋଟିସକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ସେ ଦାବି କରିବା ସହ ବିଜେଡିକୁ ଖୋଲା ଚାଲେଞ୍ଜ ଦେଇଛନ୍ତି ।ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ କହିଛନ୍ତି, ‘କାହାକୁ ହ୍ୱିପ ଦେବା ଅଗଣତାନ୍ତ୍ରୀକ । ଲାଗୁଛି ନବୀନ ପଟ୍ଟନାୟକ, ପାଣ୍ଡିଆନଙ୍କ ଦ୍ୱାରା ପ୍ରଭାବିତ ହୋଇଯାଉଛନ୍ତି । ପ୍ରତାପ ଜେନାଙ୍କ ବାସଭବନରେ ଘଟିଥିବା ଆକ୍ରମଣ ଘଟଣା ପାଇଁ ମୁଁ ବ୍ୟକ୍ତିଗତ ଭାବରେ ଦୁଃଖିତ ।’

# ଲୁଟ୍ ଘଟଣାରେ ଦୁଇ ଗିରଫ

**ବରଗଡ, ନ୍ୟୁଜ୍‌ବ୍ୟୁରୋ**

ବରପାଲି ଥାନା ଅନ୍ତର୍ଗତ ଅମ୍ବାପତ୍ରା ଗ୍ରାମର ପିଙ୍କୁଲ ଭୋଇ ଗତ ୨୦ ତାରିଖ ସନ୍ଧ୍ୟା ପ୍ରାୟ ୫ ଟା ରେ କଣ୍ଟାପାଲି କଲେଜ୍‌ରୁ ଫେରୁଥିବା ବେଳେ ଧଉରାଖନ୍ଦା ଛକ ନିକଟରେ ଦୁଇ ଜଣ ବ୍ୟକ୍ତି ତାଙ୍କୁ ଅଟକାଇ ଛୁରୀରେ ବେକ ଓ ଜଙ୍ଘରେ ଆକ୍ରମଣ କରି ତାଙ୍କ ଠାରୁ ୧୧୦୦୦ ଟଙ୍କା ଲୁଟି ନେବାର ଘଟଣା ପିଙ୍କୁଲ୍ ବରପାଲି ଥାନାରେ ଅଭିଯୋଗ କରିଥିଲେ । ବରପାଲି ପୋଲିସ ତତ୍ପରତା ପ୍ରକାଶ କରି ଘଟଣାର ତଦନ୍ତ ଚଳାଇଥିଲେ। ଶନିବାର ବରପାଲି ପୋଲିସ ଉକ୍ତ ଘଟଣାରେ ସଂପୃକ୍ତ ବରପାଲି କେନାଲ କଲୋନୀର ରିତେଶ ମୁଦୁଲି ଓ ଗଡଗଡଦଲା ଗ୍ରାମର ବାବୁଲୁ ବେହେରାଙ୍କୁ ଗିରଫ କରି ତାଙ୍କ ବିରୁଦ୍ଧରେ ( ବରପାଲି ଥାନା କେସ ନମ୍ବର ୧୨୩/୨୬ )ମାମଲା ରୁଜୁ କରି କୋର୍ଟକୁ ପଠାଇ ଦେଇଛନ୍ତି । ଦୁଇ ଅଭିଯୁକ୍ତଙ୍କ ଠାରୁ ୧୧୦୦୦ ଟଙ୍କା, ଗୋଟିଏ ନମ୍ବର ବିହୀନ ସି ଟି ୧୦୦ ବାଇକ୍, ଗୋଟିଏ ଓପୋ ମୋବାଇଲ୍ ଜବତ କରିଛନ୍ତି ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୨ ମାର୍ଚ୍ଚ ୨୦୨୬ ରବିବାର





# ମନ୍ତ୍ରୀଙ୍କ ପ୍ରତିଶୃତି ପରେ ପାଚିକାଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନିଖିଳ ଓଡିଶା ପାଚିକା ରାଜ୍ୟ ସଂଘର ସଭାପତି ଯୋଗେନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଗାନ୍ଧୀ ମାର୍ଗରେ ଆହୋରାତ୍ର ଧାରଣାର ଶନିବାର ଥିଲା ପଞ୍ଚମ ଦିନ । କାଲି କୁଟା କାମୁଡି ପ୍ରତିବାଦ ପରେ ପରି ଆଜି ମଧ ଧୁ ଧୁ ଖରାରେ ପେଟରେ ଓଦା କନା ପକାଇ ରାସ୍ତାରେ ଶୋଇ ହଜାର ହଜାର ପାଚିକା ମାଆମାନେ ଅଭିନବ ଢଙ୍ଗରେ ପ୍ରତିବାଦ କରିଥିଲେ । ଶୁକ୍ରବାର ଏକାମ୍ର ବିଧାୟକ ବାବୁ ସିଂ ଓ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଧାରଣାସ୍ଥଳକୁ ଆସି ସମସ୍ତ ଦାବି ଶୁଣିବା ପରେ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଆଲୋଚନା ପାଇଁ ସ୍ଥିର ହୋଇଥିଲା । ହେଲେ



ଆଜି ସକାଳ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନ ନେବାରୁ ଶନିବାର ପାଚିକାମାନେ ବାଧ ହୋଇ ପୁଣି ରାଜରାସ୍ତାରେ ପ୍ରତିବାଦ କରିଥିଲେ । ପ୍ରାୟ ୩୭ ଡିଗ୍ରୀ ଖରାରେ ବସି ରହିବା ପରେ ପାଞ୍ଚ ଦିନ ହେଲା ଅପେକ୍ଷା କରି କରି ଧୈର୍ଯ୍ୟ ହରା ହୋଇ ମୁଖ୍ୟମନ୍ତ୍ରୀଙ୍କୁ ଦେଖା କରିବାକୁ ବ୍ୟାରିକେଡ଼ ଭାଙ୍ଗି ପଶିବାକୁ ଉଦ୍ୟମ କରିବାରୁ ପୋଲିସ ସହ ଧସ୍ତା ଧସ୍ତି ହୋଇଥିଲା ପରେ ସଙ୍ଘର ଏକ ପ୍ରତିନିଧି ମଣ୍ଡଳୀ ପ୍ରଥମେ ଗଣଶିକ୍ଷା ସଚିବ ଏନ ତିରୁମାଲା ନାୟକଙ୍କ ସହିତ ଆଲୋଚନା କରିଥିଲେ । କୌଣସି ସନ୍ତୋଷ ଜନକ ଉତ୍ତର ନ ମିଳିବାରୁ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା ପାଇଁ ତାଙ୍କ ବାସଭବନକୁ ଯାଇଥିଲେ, ହେଲେ ମୁଖ୍ୟମନ୍ତ୍ରୀଙ୍କ ଅନୁପସ୍ଥିତ ଯୋଗୁଁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହିତ ବିଧାୟକ ବାବୁ ସିଂ ଓ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତରେ ଆଲୋଚନା ହୋଇଥିଲା । ସମସ୍ତ ପାଚିକା ମାନଙ୍କୁ ଏକ ମାସ ଭିତରେ ପରିଚୟ ପତ୍ର ପ୍ରଦାନ, ଅଙ୍ଗନବାଡ଼ି ସହାୟକଙ୍କ ଦରମା ଭଳି ୫୮୦୦ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସକାରାତ୍ମକ ପ୍ରସ୍ତାବ ଉପରେ ସ୍ୱତନ୍ତ୍ର ପଦକ୍ଷେପ ପାଇଁ କମିଟି ଗଠନ , ପ୍ରତି ମାସର ୧୦ ତାରିଖ ସୁଦ୍ଧା ଦରମା ପ୍ରଦାନ ଆଦି ପ୍ରସ୍ତାବ କୁ ଗ୍ରହଣ କରି ନେଇଥିଲେ ।

# ଫିଟ୍‌ନେସ ପାଇଁ ଯୋଗ ଆନ୍ଦୋଳନ ଜରୁରୀ: ମନ୍ତ୍ରୀ ସୂର୍ଯ୍ୟବଂଶୀ

**ପୁରୀ, ନ୍ୟୁଜ ବ୍ୟୁରୋ**

ପ୍ରତ୍ୟେକ ଙ୍କ ପାଇଁ ଫିଟନେସ ରହିବା ଲାଗି ଯୋଗ କୁ ଏକ ଆନ୍ଦୋଳନ ରେ ପରିଣତ କରିବା ଜରୁରୀ ବୋଲି କହିଛନ୍ତି ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବ ସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଶନିବାର ପୂର୍ବାହ୍ନରେ ଭିକ୍ଟୋରିଆ ହୋଟେଲ ସମ୍ମୁଖ ବେଳାଭୂମିରେ ଭାରତୀୟ କ୍ରୀଡା ପ୍ରାଧିକରଣ, ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ଏବଂ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ତିନି ଦିନିଆ ଫିଟ ଇଣ୍ଡିଆ କାର୍ନିଭାଲ ଉଦଘାଟିତ ହୋଇଥିଲା। ଏହାକୁ ଉଦଘାଟନ କରି ଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ସୂରଜ ଦେଶର ଶତକଡା ୬୫ ଭାଗ ଯୁବ ବର୍ଗ ଅଟନ୍ତି। ପ୍ରଧାନମନ୍ତ୍ରୀ ଙ୍କ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟକୁ ପୂରଣ ପାଇଁ ଆମେ ବୟସ ନିର୍ବିଶେଷରେ ସମସ୍ତେ ସୁସ୍ଥ ଓ ଫିଟ ରହିବା ଜରୁରୀ ବୋଲି କହିଥିଲେ। ସେଥିପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଫିଟନେସ କା ଡୋଜ ଅଧାଘଣ୍ଟା ରୋଜକୁ ଆମେ ମାନିବା ଓ ନିଜ ଶରୀରକୁ ସୁସ୍ଥ ରଖିବା ପାଇଁ ଅନ୍ତତଃ



ଅଧାଘଣ୍ଟା ସମୟ ଦେବା। ବର୍ତ୍ତମାନ ସମୟରେ ସମାଜ ରେ ବୃଦ୍ଧି ପାଉଥିବା ମାନସିକ ଅବସାଦ, ଟେନସନ, ପାନିକ, ଏନଜାଇଟକୁ ପ୍ରତିହତ କରିବାର ଏହା ଏକ ସହଜ ଉପାୟ।ଏହି କାରନିଭାଲ ଏକ ନୂତନ ଦିଗ ଓ ମାର୍ଗଦର୍ଶନ କରାଇବ ବୋଲି କହିଥିଲେ। ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର ସ୍ୱାସ୍ଥ୍ୟ ସଚେତନ ହେବା ଓ ସୁସ୍ଥ ରହିବାର ମନ୍ତ୍ର ଏହି ଫିଟ ଇଣ୍ଡିଆ କାର୍ନିଭାଲ ର ମୁଖ୍ୟ ଉଦ୍ଦେଶ୍ୟ। ବିକଶିତ ଭାରତର ସ୍ୱପ୍ନ ଫିଟ ଇଣ୍ଡିଆ ସହ ଜଡ଼ିତ। ପ୍ରଧାନମନ୍ତ୍ରୀ ଏହି ଯୋଗ ଓ ଶୃଙ୍ଖଳିତ ଜୀବନ ଚର୍ଯ୍ୟା ଦ୍ୱାରା ସୁସ୍ଥ ରହିଛନ୍ତି ବୋଲି କହିବା ସହ ସମସ୍ତେ ଫିଟ ରହିବା ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ଅତିଥି ମାନେ ଅଲମ୍ପିଆନ ଆଥଲେଟ ଅନୁରାଧା ବିଶ୍ୱାଳ ଓ ଅର୍ଜୁନ ପୁରସ୍କାର ବିଜେତା କେ ରବି କୁମରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଭାରତୀୟ କ୍ରୀଡା ପ୍ରାଧିକରଣ ର ଆଞ୍ଚଳିକ ନିର୍ଦ୍ଦେଶକ ଶିବାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।ସାଇର ସହକାରୀ ନିର୍ଦ୍ଦେଶକ କରଣ ସଦୱାନୀ, ଉପ ନିର୍ଦ୍ଦେଶକ ତୈଲୋକ୍ୟ ନାଥ ସାହୁ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ପ୍ରାତଃରେ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଓ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରାଜସ୍ୱ ଆଦାୟ...

ଆର୍ଥିକ ବର୍ଷରେ ବଜେଟ ଅନୁମୋଦନ ଅନୁସାରେ ଅଦ୍ୟାବଧି ବିଭିନ୍ନ ବିଭାଗ ଦ୍ୱାରା ହୋଇଥିବା ଖର୍ଚ୍ଚ ଓ ରାଜସ୍ୱ ଆଦାୟ ଧାର୍ଯ୍ୟ ଲକ୍ଷ୍ୟପୂରଣ ସଂପର୍କିତ ଆଲୋଚନା କରାଯାଇଥିଲା । କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ସମବାୟ ଓ ଶକ୍ତି ବିଭାଗ ସମେତ ସାମାଜିକ କ୍ଷେତ୍ର ସଂପର୍କିତ ବିଭିନ୍ନ ବିଭାଗରେ କାର୍ଯ୍ୟକ୍ରମ ବ୍ୟୟ ବାବଦରେ ଖର୍ଚ୍ଚ ହାର ଗତ ବର୍ଷ ଏହି ସମୟ ତୁଳନାରେ ଅଧିକ ବୃଦ୍ଧି ଘଟିଛି । ବୈଠକରେ ବିଭିନ୍ନ କ୍ଷେତ୍ରରୁ ଅଦ୍ୟାବଧି ରାଜସ୍ୱ ଆଦାୟ ଲକ୍ଷ୍ୟ ପ୍ରାୟ ୭୮.୭୭ ପ୍ରତିଶତ ହୋଇଥିବା ଜଣାଯାଇଛି । ଚଳିତ ମାସ ଶେଷ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ କାର୍ଯ୍ୟ ଅଗ୍ରଗତି ସହ ଓ ଖର୍ଚ୍ଚ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ଭିତ୍ତିଭୂମି ବିକାଶ କ୍ଷେତ୍ର ସଂପର୍କିତ ଅନ୍ୟ ବିଭାଗ ସମେତ ଅନ୍ୟ ବିଭାଗମାନଙ୍କରେ ଅଦ୍ୟାବଧି ଖର୍ଚ୍ଚ ସ୍ଥିତି ଉପସ୍ଥାପନ କରାଯାଇଥିଲା ।

'ଆମେ ଜାଣିବା ଆମ ବଜେଟ' କାର୍ଯ୍ୟକ୍ରମରେ ୨୦୨୬-୨୭ ବଜେଟ ସମ୍ପର୍କରେ ବିଭିନ୍ନ ସ୍ତରରେ ଜନସାଧାରଣଙ୍କୁ ସୂଚନାପ୍ରଦାନ କରିବାକୁ ଆଲୋଚନା ହୋଇଛି। ରାଜ୍ୟ ବଜେଟ୍ ଏବଂ କେନ୍ଦ୍ର ସରକାରଙ୍କ ଓଡ଼ିଶା ସମ୍ପର୍କିତ ବିକାଶମୂଳକ ଏବଂ ଲୋକାଭିମୁଖୀ କାର୍ଯ୍ୟକ୍ରମଗୁଡ଼ିକ ସଂପର୍କରେ ରାଜ୍ୟ ମୁଖ୍ୟାଳୟଠାରୁ ଆରମ୍ଭ କରି ଜିଲ୍ଲା, ପୌରାଞ୍ଚଳ, ବ୍ଲକ ଓ ଗ୍ରାମସଭା ସ୍ତରରେ "ବଜେଟ୍ ସଭା" ଆୟୋଜନ କରାଯାଇ ଜନସାଧାରଣଙ୍କୁ ସୂଚନା ଦେବାକୁ ପଦକ୍ଷେପ ନିଆଯିବ । ଏହା ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଦକ୍ଷ ଓ ସ୍ୱଚ୍ଛତାର ସହ କାର୍ଯ୍ୟାନ୍ୱୟନ ହୋଇପାରିବ ବୋଲି ଏ ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା ।

ବିଭିନ୍ନ ବିଭାଗରେ ଖାଲିଥିବା ପଦବୀ ପୂରଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ସଂପର୍କରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଆଗାମୀ ଜୁନ୍ ମାସ ସୁଦ୍ଧା ରାଜ୍ୟ ସରକାର ବିଭିନ୍ନ ବିଭାଗରେ ଖାଲିଥିବା ୬୫ ହଜାର ପଦବୀ ପୂରଣ ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଥିବା ବେଳେ ତନ୍ମଧ୍ୟରୁ ୪୧,୦୬୩ଟି ପଦବୀ ପୂରଣ ହୋଇଛି ଏବଂ ଅବଶିଷ୍ଟ ପଦବୀ ପୂରଣ ପାଇଁ ପଦକ୍ଷେପ ନିଆଯାଇଥିବା ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା ।

ଏଥି ସହିତ ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଭାଗକୁ କେତେକ ଗୁରୁତ୍ୱପୂର୍ଣ୍ଣ ଏବଂ ଜରୁରୀ କାର୍ଯ୍ୟ ସଂପାଦନ ନେଇ ଦେଇଥିବା ପତ୍ରର କାର୍ଯ୍ୟ ଅନୁପାଳନ ବିବରଣୀ ପ୍ରଦାନ ସଂପର୍କରେ ସମୀକ୍ଷା କରାଯାଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏଥି ସହିତ ଭୁବନେଶ୍ୱର-କଟକ-ପୁରୀ-ପାରାଦ୍ୱୀପ-ଅର୍ଥନୈତିକ ଅଂଚଳବିକାଶ (ବିସିପିପିଆର) ନେଇ ଲକ୍ଷ୍ୟ ଓ କାର୍ଯ୍ୟକାରିତା ପଦକ୍ଷେପ ସଂପର୍କରେ ଗୃହ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉପସ୍ଥାପନ କରିଥିଲେ ।

ଆଇ-ଜିଓଟି କର୍ମଯୋଗୀ ପ୍ଲାଟଫର୍ମରେ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ରାଜ୍ୟରେ ୪ ଲକ୍ଷ ୧୬ ହଜାର ୧୩୮ କର୍ମଚାରୀଙ୍କ ମଧ୍ୟରୁ ଅଦ୍ୟାବଧି ୯୩ ପ୍ରତିଶତ ଏହି ପ୍ରଶିକ୍ଷଣ ବ୍ୟବସ୍ଥା ସହିତ ଯୋଡି (ଅନବୋର୍ଡିଂ) ହୋଇଛନ୍ତି । ପ୍ରାୟ ୨ ଲକ୍ଷ କର୍ମଚାରୀ ସକ୍ରିୟ ବ୍ୟବହାରକାରୀ ହୋଇଥିବା ବେଳେ ଅନ୍ୟ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରଶିକ୍ଷଣ ବଢାଇବାକୁ ବିଭାଗମାନଙ୍କୁ ପଦକ୍ଷେପ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂଙ୍କ ସମେତ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ମନୁଷ୍ୟକୃତ ଜଙ୍ଗଲ...

୧.୪୯ କୋଟି ଚାରାରୋପଣ ସହିତ ଏକ ବର୍ଷ ମଧ୍ୟରେ ୮ କୋଟିରୁ ଅଧିକ ଚାରାରୋପଣ କରାଯାଇଛି। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଆଜି ବିଜ୍ଞାନ ଓ ଟେକ୍‌ନୋଲୋଜିରେ ଅନେକ ଉନ୍ନତି ହୋଇଛି। କମ୍ ଜାଗା ବ୍ୟବହାର କରି, ପରିବେଶକୁ ଦୂଷିତ ନକରି ଶିଳ୍ପାୟନ କରିବା ଆଜି ସମ୍ଭବ ହୋଇପାରିଛି। ତେଣୁ ଯଦି ଆମେ ପରିବେଶ ଓ ଶିଳ୍ପାୟନ ମଧ୍ୟରେ ଉପଯୁକ୍ତ ବାଲାନ୍ସ ରଖିପାରିବା ତେବେ ପରିବେଶ ଓ ଶିଳ୍ପାୟନ ପରସ୍ପର ଅନୁପୂରକ ବଦଳରେ ପରିପୂରକ ହୋଇପାରିବ ବୋଲି ସେ କହିଥିଲେ।

ଚଳିତ ବର୍ଷ ବିଶ୍ୱ ବନ ଦିବସ ପାଳନର ବିଷୟବସ୍ତୁ 'ଜଙ୍ଗଲ ଓ ଅର୍ଥନୀତି' ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜଙ୍ଗଲ କେବଳ ପରିବେଶ ପାଇଁ ନୁହେଁ, ବରଂ ଆମ ରାଜ୍ୟ ତଥା ଦେଶର ବିକାଶ ପାଇଁ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜଙ୍ଗଲ ସୁରକ୍ଷା ସହିତ ଆମେ ଜଙ୍ଗଲକୁ ଜୀବିକା ଅର୍ଜନର ପ୍ରମୁଖ ମାଧ୍ୟମ ଭାବେ ପରିଣତ କରିବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଆରମ୍ଭ କରି ସଫଳ ହୋଇଛୁ। ସମସ୍ତଙ୍କ ସହଯୋଗ ରହିଲେ ଆମେ ଏ କ୍ଷେତ୍ରରେ ଆହୁରି ଆଗକୁ ବଢିବୁ।

ବନ ସୁରକ୍ଷା ଓ ଜଙ୍ଗଲ ସୃଷ୍ଟି କ୍ଷେତ୍ରରେ କାମ କରୁଥିବା ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇ ଜଙ୍ଗଲ ନିଆଁ ରୋକିବା ଏବଂ ମନୁଷ୍ୟ-ବନ୍ୟଜନ୍ତୁ ସଂଘର୍ଷ ରୋକିବା ଦିଗରେ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ। ମନୁଷ୍ୟକୃତ ଜଙ୍ଗଲ ନିଆଁ ପାଇଁ ଦୋଷୀ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭାଗ ପକ୍ଷରୁ ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀ ବୁଲି ଦେଖିବା ସହିତ ଜଙ୍ଗଲ ସୁରକ୍ଷା ସମ୍ବନ୍ଧିତ ପୁସ୍ତକ ଉନ୍ମୋଚନ ଏବଂ ଉତ୍ତମ ପ୍ରଦର୍ଶନକାରୀ ବନାଞ୍ଚଳ ଅଧିକାରୀ, ବନପାଳ ଓ ବନରକ୍ଷୀମାନଙ୍କୁ ସମ୍ମାନିତ କରିଥିଲେ।

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ବିଶ୍ୱ ବନ ଦିବସ ପାଳନର ମହତ୍ତ୍ୱ ବିଷୟରେ ଆଲୋକପାତ କରି କହିଥିଲେ ଯେ, ପ୍ରଧାନମନ୍ତ୍ରୀ ସବୁବେଳେ ଗ୍ରାମାଞ୍ଚଳ ଓ ଜଙ୍ଗଲ ଅଧିବାସୀଙ୍କ ବିକାଶକୁ ଗୁରୁତ୍ୱ ଦେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଆମେ ରାଜ୍ୟରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଏ ଦିଗରେ ନିରନ୍ତର କାର୍ଯ୍ୟ ଜାରି ରଖିଛୁ। ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳର ଲୋକମାନଙ୍କ ଜୀବନ ଜୀବିକାକୁ ଆଗକୁ ନେବା ପାଇଁ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି। ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ଗୁଡିକରେ ଏ କାର୍ଯ୍ୟକୁ ବିଭାଗ ପକ୍ଷରୁ ଆହୁରି କ୍ରିୟାଶୀଳ କରାଯାଇଛି। ସେମାନଙ୍କ ପାଇଁ କେବଳ ଜଙ୍ଗଲ ଉପରେ ନିର୍ଭର ନକରି ଅନ୍ୟାନ୍ୟ ଜୀବନଜୀବିକା ଉପାର୍ଜନ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରାଯାଉଛି।

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଥିଲେ ଯେ, ୨୦୩୬ ଓ ୨୦୪୭କୁ ଆଖି ଆଗରେ ରଖି ଆମର ବହୁତ ବଡ ଲକ୍ଷ୍ୟ ରହିଛି। ଓଡିଶା ଅର୍ଥନୀତିର ଅଭିବୃଦ୍ଧି ସହିତ ବ୍ୟାପକ ନିଯୁକ୍ତି ଲକ୍ଷ୍ୟ ରହିଛି। ପର୍ଯ୍ୟଟନ କ୍ଷେତ୍ରରୁ କେବଳ ୨୫ ଲକ୍ଷ ନିଯୁକ୍ତି ପାଇଁ ଯୋଜନା ରହିଛି। ପର୍ଯ୍ୟଟନ କ୍ଷେତ୍ରର ନିଯୁକ୍ତିରେ ଜଙ୍ଗଲ ବିଭାଗର ବହୁତ ବଡ ଭୂମିକା ରହିବ। ତେଣୁ ଆମକୁ ଜଙ୍ଗଲକୁ କେବଳ ଇକୋଲୋଜିକାଲ କଣ୍ଟ୍ରିବ୍ୟୁଟର ଭାବେ ନୁହେଁ ଇକୋନୋମିକାଲ କଣ୍ଟ୍ରିବ୍ୟୁଟର ଭାବେ ଗଢି ତୋଳିବାକୁ ପଡିବ। ବ୍ଲୁ ଇକୋନୋମି ଭଳି ଆମକୁ ଗ୍ରୀନ୍ ଇକୋନୋମି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡିବ।

କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀ ମୁଖ୍ୟ ଡ. କେ ମୁରଗେଶନ ଧନ୍ୟବାଦ ଅର୍ପଣ କରିଥିଲେ।

## ଆମେରିକାର ଶକ୍ତିର ...

ଏସଏମ-୩ ସିଷ୍ଟମ ଦ୍ୱାରା ପ୍ରତିରୋଧ କରାଯାଇଥିଲା। ଫଳସ୍ୱରୂପ କୌଣସି କ୍ଷେପଣାସ୍ତ୍ର ଘାଟି ଉପରେ ପ୍ରଭାବ ପକାଇ ନଥିଲା। ରିପୋର୍ଟରେ ନିର୍ଦ୍ଦିଷ୍ଟ ଭାବରେ ଉଲ୍ଲେଖ କରାଯାଇ ନାହିଁ ଯେ ଇରାନ ଏହି କ୍ଷେପଣାସ୍ତ୍ରଗୁଡ଼ିକୁ କେବେ ନିକ୍ଷେପ କରିଥିଲା। ଇରାନର କ୍ଷେପଣାସ୍ତ୍ର ସାମରିକ ଘାଟିକୁ କ୍ଷତି ପହଞ୍ଚାଇବାରେ ବିଫଳ ହୋଇଥିଲା, ଏହି ଆକ୍ରମଣ ଇରାନର କ୍ଷେପଣାସ୍ତ୍ର କ୍ଷମତା ସମ୍ପର୍କରେ ଏକ ନୂତନ ବିତର୍କ ସୃଷ୍ଟି କରିଛି। ଇରାନରୁ ଡିଏଗୋ ଗାର୍ସିଆର ଦୂରତା ପ୍ରାୟ ୩,୭୯୫ ରୁ ୪,୧୧୮ କିଲୋମିଟର ପର୍ଯ୍ୟନ୍ତ , ଯାହା ଏପର୍ଯ୍ୟନ୍ତ ଯେକୌଣସି ଇରାନୀ କ୍ଷେପଣାସ୍ତ୍ର ପ୍ରଣାଳୀର ଜ୍ଞାତ କ୍ଷମତାକୁ ଅତିକ୍ରମ କରେ।

## ଅହମ୍ମଦାବାଦରେ...

ହୋଇଥିବା ଏହି ପ୍ରୟାସକୁ ସେ ପ୍ରଶଂସା କରିବା ସହ ଏହା ଦୁଇ ରାଜ୍ୟ ମଧ୍ୟରେ ସମ୍ପର୍କକୁ ଆହୁରି ସୁଦୃଢ଼ କରିବ ବୋଲି କହିଥିଲେ।

ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ, ପରମ୍ପରା, ହସ୍ତଶିଳ୍ପ, ହସ୍ତତନ୍ତ, ସୁଆଦିଆ ବ୍ୟଞ୍ଜନ ଏବଂ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀକୁ ପ୍ରଦର୍ଶିତ କରାଯାଉଛି।

ଏହି ପର୍ବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓର୍ମାସ ଏବଂ ମିଶନ ଶକ୍ତି ବିଭାଗର ସହଯୋଗରେ ଆୟୋଜିତ ହେଉଛି।

ଏହି ଉଦଘାଟନୀ ସମାରୋହରେ ଅହମ୍ମଦାବାଦ ମ୍ୟୁନିସିପାଲ କମିଶନର ବାଞ୍ଛାନିଧି ପାଣି, ପର୍ଯ୍ୟଟନ ବିଭାଗର ଶାସନ ସଚିବ ବଲବନ୍ତ ସିଂ ଏବଂ ପର୍ଯ୍ୟଟନ ବଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଏହି ତିନି ଦିନ ମଧ୍ୟରେ ପରିଦର୍ଶକମାନେ ଓଡ଼ିଶାର ପ୍ରସିଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପର ପ୍ରଦର୍ଶନୀ, ଓଡ଼ିଶୀ ନୃତ୍ୟ ସମେତ ପାରମ୍ପରିକ ଲୋକନୃତ୍ୟ ଓ ଜନଜାତି ନୃତ୍ୟର ପ୍ରଦର୍ଶନ, ଓଡ଼ିଶାର ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀ ଆଦିର ଅନୁଭୂତି ପାଇପାରିବେ ।

## ବିଜେଡିରୁ ୬ ...

ବିଜେଡିର ରାଜନୈତିକ ବ୍ୟାପାର କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ସେମାନଙ୍କ ସଭ୍ୟପଦ ରଦ୍ଦ ପାଇଁ ବାଚସ୍ପତିଙ୍କୁ ଚିଠି ଲେଖିବୁ। ଅନ୍ୟପକ୍ଷରେ ପୂର୍ବରୁ ମଧ ବିଜେଡ଼ିର ଦୁଇ ବିଧାୟକ ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡଙ୍କୁ ସସ୍‌ପେଣ୍ଡ କରାଯାଇଛି।

## ପୁନରୁଦ୍ଧାର...

ଆଲୋଚନା କରିଛନ୍ତି ସାଂସଦ । ସମୀକ୍ଷା ବୈଠକରେ ଜଳ ସମ୍ପଦ ବିଭାଗର ସଚିବଙ୍କ ସହିତ ଗଙ୍ଗୁଆ ନାଳର ପୁନରୁଦ୍ଧାର ଏବଂ ସୌନ୍ଦର୍ଯ୍ୟ କରଣ କାମ ସମ୍ପର୍କରେ ଆଲୋଚନା ହୋଇଥିଲା । ଗଙ୍ଗୁଆ ନାଳ ପୁନରୁଦ୍ଧାର ଏବଂ ସୌନ୍ଦର୍ଯ୍ୟକରଣ ଦିଗରେ ମୋଟ୍ ୮ ହଜାର ୭୩୬ କୋଟି ଟଙ୍କାର ବ୍ୟୟ ଅଟକଳ ରହିଛି । ରାଜଧାନୀ ଇଂଜିନିୟରିଂ କଲେଜ ନିକଟରୁ ଆରମ୍ଭ ହୋଇ ଗଙ୍ଗୁଆ ନାଳର ପୁନରୁଦ୍ଧାର କାର୍ଯ୍ୟ ଜଟଣୀ ନିକଟ କଣ୍ଟି ଗ୍ରାମ, ପ୍ରାୟ ୩୩ କିଲୋମିଟର ପୁନରୁଦ୍ଧାର କରାଯିବ । ବିଭାଗୀୟ ମୁଖ୍ୟ ସଚିବ ଶୁଭା ଶର୍ମାଙ୍କ ସହିତ ଏ ଦିଗରେ କିପରି ଯଥାଶୀଘ୍ର କାମ ଆରମ୍ଭ ହେବ, ସେ ନେଇ ସବିଶେଷ ଆଲୋଚନା କରିଛନ୍ତି ଭୁବନେଶ୍ୱର ସାଂସଦ । ଏହା ସହିତ ଦୟା ପଶ୍ଚିମ କେନାଲର ପୁନରୁଦ୍ଧାର ଓ ବିକାଶ ସମ୍ପର୍କରେ ଆଲୋଚନା ହୋଇଛି । ବାରଙ୍ଗଠାରୁ ଆରମ୍ଭ କରି ଜଟଣୀ ପର୍ଯ୍ୟନ୍ତ ପ୍ରାୟ ୩୪.୮୬ କିଲୋମିଟର ଦୂର ଦୟା ପଶ୍ଚିମ କେନାଲର ପୁନରୁଦ୍ଧାର ହାତକୁ ନିଆଯାଇଛି । ଏହି ପ୍ରକଳ୍ପର ମୋଟ୍ ବ୍ୟୟ ଅଟକଳ ୪୪୮ କୋଟି ଟଙ୍କା ରହିଛି । ଏହି ବୈଠକରେ ଜଳସମ୍ପଦ ବିଭାଗ ମୁଖ୍ୟ ସଚିବ ଶୁଭା ଶର୍ମା ଏବଂ ଅନ୍ୟ ଅଧିକାରୀଙ୍କ ସହିତ କିପରି ଦୟା ପଶ୍ଚିମ କେନାଲର କାମ ଯଥାଶୀଘ୍ର ଆରମ୍ଭ ହୋଇପାରିବ, ସେ ଦିଗରେ ଆଲୋଚନା କରିଥିଲେ । ବିଶେଷ କରି ଗଙ୍ଗୁଆ ନାଳର ପୁନରୁଦ୍ଧାର ଏବଂ ଦୟା ପଶ୍ଚିମ କେନାଲର ପୁନରୁଦ୍ଧାର ହୋଇପାରିଲେ, ଏହା ବହୁ ପରିମାଣରେ ଲୋକଙ୍କୁ ସହାୟକ ହେବ । ଯେପରିକି ଏହା ଟ୍ରାଫିକ୍ ସମସ୍ୟା ଦୂର କରିବ ଏବଂ ମାଟିତଳେ ଜଳସ୍ତର ରକ୍ଷା କରିବାରେ ବିଶେଷ ଭୂମିକା ନେବ ବୋଲି ସମୀକ୍ଷା ବୈଠକରେ ମତ ପ୍ରକାଶ ପାଇଛି । ଆୟୋଜିତ ସମୀକ୍ଷା ବୈଠକରେ ଜଳ ସମ୍ପଦ ବିଭାଗ ପୂର୍ତ୍ତ ବିଭାଗକୁ ସମସ୍ତ କାର୍ଯ୍ୟରେ ସହାୟତା କରିବାକୁ କହିଛନ୍ତି ଭୁବନେଶ୍ୱର ସାଂସଦ।

ଭୁବନେଶ୍ୱର ମହାନଗର ନିଗମ ଅଧକ୍ଷଙ୍କ ସହିତ ଡ୍ରେନ ସମସ୍ୟାର ସମୀକ୍ଷା କରିଥିଲେ ସାଂସଦ । ବର୍ଷା ଦିନ ପୂର୍ବରୁ ସମସ୍ତ ଡ୍ରେନେଜ ସଫେଇ ଓ ପୁନରୁଦ୍ଧାର କାମ ସାରିବାକୁ କହିଛନ୍ତି ଭୁବନେଶ୍ୱର ସାଂସଦ। ଏହି ବୈଠକରେ ୱାଟକୋ ଏମତି ମଧ ଉପସ୍ଥିତି ରହିଥିଲେ । ତାଙ୍କ ସହିତ ସ୍ୱେରେଜ କାମ ସମ୍ପର୍କରେ କଥା ହୋଇଛନ୍ତି । ସେହିପରି କିପରି ଆହୁରି ଅଧିକ ନୂଆ ପାର୍କ ନିର୍ମାଣ ହୋଇପାରିବ ସେ ଦିଗରେ ମଧ ଆଲୋଚନା ହୋଇଛି । ସଂସଦୀୟ କ୍ଷେତ୍ରରେ ସମସ୍ତ ଲୋକଙ୍କ ନିକଟରେ କିପରି ବିକାଶମୂଳକ କାମର ଲାଭ ପହଞ୍ଚି ପାରିବ ସେ ଦିଗରେ ଧାନ ରଖିବାକୁ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି ଭୁବନେଶ୍ୱର ସାଂସଦ । ସର୍କିଟ୍ ହାଉସ ସମୀକ୍ଷା ବୈଠକରେ ଭୁବନେଶ୍ୱର ମୁନିସିପାଲିଟି କରପୋରେସନର ବରିଷ୍ଠ ଅଧିକାରୀ, ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ, ଜଳସମ୍ପଦ ବିଭାଗର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଜନଗଣନା ୨୦୨୭ ପରିପ୍ରେକ୍ଷୀରେ ବାଲୁକାକଳା ପ୍ରଦର୍ଶିତ




**ପୁରୀ, ନ୍ୟୁଜ ବ୍ୟୁରୋ**

ଆଗାମୀ ୨୦୨୭ ଜନଗଣନା ପାଇଁ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଶନିବାର ଅପରାହ୍ନରେ ପୁରୀ ନିଳାଦ୍ରୀ ବିଚ ଠାରେ ଏକ ବାଲୁକାକଳା ପ୍ରଦର୍ଶିତ ହୋଇଥିଲା। ଚଳିତ ଜନଗଣନା ଭାରତର ପ୍ରଥମ ଡିଜିଟାଲ ଜନଗଣନା। ଏହାର ଉଦ୍ଦେଶ୍ୟ ଜନଗଣନାରୁ ଜନକଲ୍ୟାଣ। ପ୍ରଥମ ପର୍ଯ୍ୟାୟ ଗୃହ ତାଲିକା ଓ ଗୃହ ଗଣନା ଚଳିତ ବର୍ଷ ଅପ୍ରେଲ ୧୬ରୁ ମଇ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ୨୦୨୭ ମସିହା ଫେବୃଆରୀ ୯ରୁ ୨୮ ପର୍ଯ୍ୟନ୍ତ ଜନଗଣନା ଅନୁଷ୍ଠିତ ହେବ ବୋଲି ଜନଗଣନା ଅଧିକାରୀ ଅବଗତ କରାଇଛନ୍ତି । ଏଥିରେ ଅନ୍ତର୍ଜାତୀୟ ବାଲୁକା କଳା ଶିଳ୍ପୀ ତଥା ଜନଗଣନାର ବ୍ରାଣ୍ଡ ଆମ୍ବାସଡର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଜନଗଣନାର ଯୁଗ୍ମ ନିର୍ଦ୍ଦେଶକ ହେମନ୍ତ କୁମାର ସିଂ, ସହକାରୀ ନିର୍ଦ୍ଦେଶକ ଲକ୍ଷଣ ମୁଖୀ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜନଗଣନା ର ଜିଲ୍ଲା ଇନଚାର୍ଜ ବିଜୟ କୁମାର ସାହୁ, ଡେପୁଟି କଲେକ୍ଟର ଦିବ୍ୟା ଜ୍ୟୋତି ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରତାପ ଜେନାଙ୍କ ବାସଭବନ ଉପରେ ଆକ୍ରମଣ ଘଟଣାକୁ ନବୀନଙ୍କ ନିନ୍ଦା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଜେଡି ନେତା ପ୍ରତାପ ଜେନାଙ୍କ ବାସଭବନ ଉପରେ ଆକ୍ରମଣ ଘଟଣାକୁ ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ତୀବ୍ର ନିନ୍ଦ୍ର କରିଛନ୍ତି। ଏଥିରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଶ୍ରୀ ପଟ୍ଟନାୟକ ।

ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ଶ୍ରୀ ପଟ୍ଟନାୟକ ଲେଖିଛନ୍ତି ବିଜୁ ଜନତା ଦଳର ବରିଷ୍ଠ ନେତା, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ବାସଭବନ ଉପରେ ଶୁକ୍ରବାର ରାତିରେ ହୋଇଥିବା ସଶସ୍ତ୍ର ଆକ୍ରମଣକୁ ମୁଁ ତୀବ୍ର ନିନ୍ଦା କରୁଛି।

# ମାନସିକ ଅସ୍ଥିରତା ଦେଇ ଗତି କରୁଛନ୍ତି ପ୍ରଭାତ ବିଶ୍ୱାଳ: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଚିଟଫଣ୍ଡ ଭଳି ଦୁର୍ନୀତି ମାମଲାରେ ଛନ୍ଦି ହୋଇଥିବା ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ବିଜୁ ଜନତା ଦଳର ନୀତି ଓ ନୈତିକତାକୁ ନେଇ ଟିପ୍ପଣୀ ଦେବା ଜଣେ ପାଗଳର ବାଚଳାମୀ । ରାଜ୍ୟସଭା ନିର୍ବାଚନରେ ପୁଅ ସୌଭିକ ବିଶ୍ୱାଳଙ୍କୁ ଘୋଡ଼ା ବେପାରରେ ସାମିଲ କରାଇ କୋଟି କୋଟି ଟଙ୍କା ହାତେଇ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସହିତ ଯେଉଁ ବିଶ୍ୱାସ ଘାତକତା କରିଛନ୍ତି, ତାଙ୍କୁ କଟକବାସୀ କେବେ କ୍ଷମା ଦେବେ ନାହିଁ ବୋଲି କହି ବର୍ଷିଛି ବିଜୁ ଜନତା ଦଳ ।

ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡ଼ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ, ପ୍ରଭାତ ବିଶ୍ୱାଳ ୧୯୯୫ ମସିହାରେ ତତ୍କାଳୀନ କଂଗ୍ରେସ ସରକାର ସମୟରେ ନଳକୂପ ବସାଇବା ଦୁର୍ନୀତିରେ ସମ୍ପୃକ୍ତ ରହି କୋଟି କୋଟି ଟଙ୍କା ହାତେଇ ଥିଲେ । ବିଗତ ଦିନରେ ନିଜର ଖର୍ଚ୍ଚ ପାଇଁ ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀରୁ କେତେ ଟଙ୍କା ଚାନ୍ଦା ନେଇଛନ୍ତି ତାହା କଟକବାସୀଙ୍କୁ ଭଲ ଭାବେ ଜଣା । ଦଳରୁ ନିଲମ୍ବନ ହେବା ପରେ, ସେ କେତେବେଳେ କ'ଣ କହୁଛନ୍ତି ନିଜେ ଜାଣିପାରୁ ନାହାନ୍ତି । ତାଙ୍କ ବକ୍ତବ୍ୟରୁ ଜଣାପଡୁଛି ସେ ଦୀର୍ଘ ଦିନ ହେଲା ଚାପରେ ଅଛନ୍ତି । ଗଣମାଧ୍ୟମରେ ସମ୍ମୁଖରେ ସେ ଯେଉଁ ବକ୍ତବ୍ୟ ରଖୁଛନ୍ତି, ସେଥିରୁ ଜଣାପଡୁଛି ସେ ବିଜୁ ଜନତା ଦଳକୁ ଦୁର୍ବଳ କରିବା ପାଇଁ ସତେ ଯେମିତି ଠିକା ନେଇଛନ୍ତି । ବିଜେଡି ହେଉଛି ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ଦଳ । ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ସର୍ବଦା ଲଢ଼େଇ କରୁଥିବା ବିଜୁ ଜନତା ଦଳକୁ ଦୁର୍ବଳ କରିବାକୁ ଯେଉଁମାନେ ଷଡ଼ଯନ୍ତ୍ର କରୁଛନ୍ତି, ଓଡ଼ିଶାବାସୀ ତାଙ୍କୁ କେବେ ବି କ୍ଷମା ଦେବେନି ।

ଡ଼ ସାମନ୍ତସିଂହାର ଆହୁରି କହିଥିଲେ ଯେ, ପ୍ରଭାତ ବିଶ୍ୱାଳ ୧୫ ଦିନ ତଳେ କହୁଥିଲେ ଭି. କାର୍ତ୍ତିକେୟନ ପାଣ୍ଡିଆନଙ୍କ ପତ୍ନୀ ଶ୍ରୀମତୀ ସୁଜାତା କାର୍ତ୍ତିକେୟନଙ୍କୁ ଦଳର ଦାୟିତ୍ୱ ଦିଆଯାଉ ଏବଂ ତାଙ୍କୁ ରାଜ୍ୟସଭାକୁ ପଠାଯାଉ । ଆଜି ପୁଣି ତାଙ୍କ ବିରୋଧରେ ବିଷୋଦଗାର କରିବା ପାଗଳର ପ୍ରଳାପ ସଦୃଶ । ସେ ଆଜି ନିଜ ବକ୍ତବ୍ୟରେ କହିଥିଲେ କି, ଦିଲ୍ଲୀରେ ରେଜିଷ୍ଟ୍ରେସନ ହୋଇଥିବା ଟ୍ରଷ୍ଟରେ ବିଜୁ ଜନତା ଦଳର ୪ ହଜାର କୋଟି ଟଙ୍କା ଭି.କେ ପାଣ୍ଡିଆନ ଓ ସଂତୃପ୍ତ ମିଶ୍ର ନିଜ ମାଲିକାନାକୁ ନେଇଗଲେ । ତାଙ୍କର ଏହି ବକ୍ତବ୍ୟକୁ ଗୋଟିଏ ଶବ୍ଦରେ କହିବାକୁ ଗଲେ ଏହା ହେଉଛି ପାଗଳର ପ୍ରଳାପ । ନିଜେ ନବୀନ ବାବୁ ସ୍ପଷ୍ଟ କରିଛନ୍ତି ଯେ, ଏହା ତାଙ୍କର ବ୍ୟକ୍ତିଗତ ଏବଂ ପରିବାରର ଭାଇ, ଭଉଣୀ ସମସ୍ତଙ୍କ ଜଣାନ୍ତରେ ଏ ଟ୍ରଷ୍ଟ ଗଠନ କରାଯାଇଛି। ନବୀନ ବାବୁ ନିଜସ୍ୱ ପାଣ୍ଠିରୁ ୧ ଲକ୍ଷ ଟଙ୍କା ଟ୍ରଷ୍ଟକୁ ଦେଇଛନ୍ତି । ଏହା ହେଉଛି ଚିରାଚରିତ ସତ୍ୟ । ଟ୍ରଷ୍ଟରେ ଦଳର ୪ ହଜାର କୋଟି ଟଙ୍କା ଥିବା କହି ପ୍ରଭାତ ବିଶ୍ୱାଳ ଜନସାଧାରଣଙ୍କୁ ଭ୍ରମିତ କରିବାର ମନ୍ଦ ଉଦ୍ଦେଶ୍ୟ ଆଜି ପ୍ରମାଣିତ ହୋଇଛି । ବିଜୁ ବାବୁ 'ୟୁନିସ୍କୋ' ଭଳି ସାଇଣ୍ଟିଫିକ୍ ଆୱାର୍ଡ଼ କରିଥିଲେ, କିନ୍ତୁ ତାକୁ ଏ ସରକାର ବନ୍ଦ କରିଦେଲେ । ସେହି କାମକୁ ଆଗକୁ ନେବା ପାଇଁ ଏ ଟ୍ରଷ୍ଟ ଗଠନ କରାଯାଇଛି, କାହାର ହରିଲୁଟ୍ ପାଇଁ ଏ ଟ୍ରଷ୍ଟ ଗଠନ କରାଯାଇନି । ନବୀନ ବାବୁ ଓ ବିଜୁ ବାବୁ ସର୍ବଦା ଲୋକଙ୍କ ସେବା କରୁଥିଲେ । ତାଙ୍କର କଟକସ୍ଥିତ ବାସଭବନ ଲୋକଙ୍କ ସେବାରେ ସମର୍ପିତ ହୋଇଛି । ବିଜୁ ଜନତା ଦଳ ସର୍ବଦା ଓଡ଼ିଶାବାସୀଙ୍କ ଲୋକପ୍ରିୟ ଦଳ ହୋଇ ରହିଆସିଛି ଏବଂ ଆଗାମୀ ଦିନରେ ରହିବ । ପ୍ରଭାତ ବିଶ୍ୱାଳ ଯେତେ ଚେଷ୍ଟା କଲେ ବି ଦଳକୁ ଦୁର୍ବଳ କରିପାରିବେନି । ତାଙ୍କର ଏହି ହୀନ କାର୍ଯ୍ୟ ପାଇଁ ଓଡ଼ିଶାବାସୀ ଆଗାମୀ ଦିନରେ ତାଙ୍କୁ ଉଚିତ୍ ଜବାବ ଦେବେ ।

# ବିଏମ୍‌ସିର ପେଟ୍ରୋ କାର୍ଡ ଚୋରି କରି ଲକ୍ଷ ଲକ୍ଷ ଟଙ୍କା ହଡପ :୨ ପୂର୍ବତନ କର୍ମଚାରୀ ଗିରଫ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପେଟ୍ରୋକାର୍ଡ ଚୋରି କରି ୯ ଲକ୍ଷରୁ ଅଧିକ ଟଙ୍କା ହଡପ କରିଥିବା ଏଜେନ୍ସିର ଦୁଇଜଣ ପୂର୍ବତନ କର୍ମଚାରୀଙ୍କୁ ଗିରଫ କଲା ଇନ୍‌ଫୋସିଟି ପୋଲିସ । ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ପରିମଳ କାର୍ଯ୍ୟରେ ନିୟୋଜିତ ଜାଗୃତି ନାମକ ଏଜନ୍ସିର ଘରକୁ ଘର ବର୍ଜ୍ୟ ସଂଗ୍ରହ କରୁଥିବା ଜଣେ ପୂର୍ବତନ ଡ୍ରାଇଭର ଏବଂ ତାଙ୍କ ସହଯୋଗୀକୁ ବାନ୍ଧିଛି ପୋଲିସ । ସେମାନେ କୌଶଳ କରି ବିଏମ୍‌ସିର ୫ଟି ପେଟ୍ରୋ କାର୍ଡ ଚୋରି କରିନେଇଥିଲେ। ସେହି କାର୍ଡକୁ ନେଇ ଭୁବନେଶ୍ୱର କଳାରାହାଙ୍ଗଠାରେ ଥିବା କ୍ରୀଷ୍ଣା ପେଟ୍ରୋଲ ପମ୍ପର କର୍ମଚାରୀଙ୍କୁ ହାତ କରି ନିୟମିତ ପେଟ୍ରୋଲ ବଦଳରେ ଟଙ୍କା ଉଠାଇ ନେଉଥିଲେ । ଏହିପରି ବାରମ୍ବାର ହେବାରୁ ବିଏମ୍‌ସି କର୍ତ୍ତୃପକ୍ଷଙ୍କ ସଂଦେହ ଘନିଭୁତ ହୋଇଥିଲା । ତେଣୁ ବିଏମ୍‌ସି କମିଶନରଙ୍କ ନିର୍ଦ୍ଦେଶ କ୍ରମେ ସ୍ୱତନ୍ତ୍ର ଅଧିକାରୀଙ୍କ ଦ୍ୱାରା ଘଟଣାର ବିଧିବଧ ତଦନ୍ତ କରାଯାଇଥିଲା ।

ତଦନ୍ତ ପରେ ଜଣାପଡିଲା ଯେ, ପରିମଳ ଏଜେନ୍ସି ଜାଗୃତୀର ପୂର୍ବତନ ଡ୍ରାଇଭର ବିଶାଲ ନାଇକ କଳା ରାହାଙ୍ଗ ପେଟ୍ରୋଲ ପମ୍ପର କର୍ମଚାରୀ ଅଚ୍ୟୁତାନନ୍ଦ ସାମଲଙ୍କ ସହ ମିଶି ସେହି ପେଟ୍ରୋ କାର୍ଡ ସହାୟତାରେ ପ୍ରାୟ ୯ ଲକ୍ଷ ୩୯ ହଜାର ୪୩୫ ଟଙ୍କା ହଡପ କରିନେଇଛନ୍ତି। ଏ ନେଇ ବିଏମ୍‌ସି ପକ୍ଷରୁ ଉପାୟୁକ୍ତ ଭେହିକ୍ଲି, ଇନ୍‌ଫୋସିଟି ଥାନାରେ ଏଫଆଇଆର ନଂ-୦୨୨୮/୨୦୨୬ରେ ଏକ ମାମଲା ରୁଜୁ କରିଥିଲେ । ଥାନା ଅଧିକାରୀ ତାଙ୍କ ନାମରେ ଭାରତୀୟ ନ୍ୟାୟ ସଂହିତା ଦଫା ୩୧୬ (୫), ୩୧୮ (୪), ୩ (୫)ରେ ପୋଲିସ ମାମଲା ରୁଜୁ କରି ଘଟଣାର ଅନୁସଂଧାନ ଚଳାଇଥିଲା । ସମସ୍ତ ତଥ୍ୟ ପ୍ରମାଣକୁ ଭିତ୍ତିକରି ଇନ୍‌ଫୋସିଟି ପୋଲିସ ସଂପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିଛନ୍ତି ।

**Modal Bidding Document**
**Government of Odisha**
**Health and Family Welfare Department ,Odisha**
OFFICE OF THE DEAN-PRINCIPAL
GOVERNMENT MEDICAL COLLEGE HOSPITAL, PHULBANI, DIST: KANDHAMAL

**10001/131/2526**

**QUOTATION/TENDER CALL NOTICE**

**Advt.No.03/2026** **Dated.18/03/2026**

Sealed quotation /tenders are invited from interested reputed Travel Agency/Tour Operator/Private individuals for providing 1(no. )of AC petrol/Diesel driven vehicles having sitting capacity not more then 5(five) including driver. Which shall conform to the Terms and condition (Annexure-I & A) for official use in Dean & Principal of monthly rent basis. The application form of quotation/tender containing general Bid information & Terms and condition for Hiring Vehicles etc. will be available with website (https://kandhamal.odisha.gov.in. the Quotation completed in all respect should reach the undersigned on or before **08.04.2026** By the **5.00 PM**. Through registered post/courier and shall be opened on **09.04.2026** at **11.30 AM** In presence of bidder or authorized representatives. The undersigned reserves the right reject any or all the tender(s) without assigning any reason thereof.

**OIPR-10001/10270/1/25-26/0003**

-Sd/-N.Behera
Dean & Principal
Govt. Medical College & Hospital, Phulbani, Kandhamal

